ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା

• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

15 NOVEMBER to 21 NOVEMBER 2026

୧୫ ନଭେମ୍ବର ଠାରୁ ୨୧ ନଭେମ୍ବର, ୨୦୨୬

VOL- 1 • ISSUE- 39 ବର୍ଷ-୧ • ସଂଖ୍ୟା- ୩୯ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ବ୍ୟଙ୍ଗ ବାର୍ତ୍ତା



ବଙ୍ଗୋପସାଗରେ ବାତ୍ୟା ଆସୁଛି
ଗଞ୍ଜାମେ ଛୁଟି ବାତିଲ
ଶୁଖିଲା ଖାଦ୍ୟକୁ ସାଇତି ରଖିଲେ
ବଜାର ହେଲାଣି ଫୁଲ୍।
କଟକ ସହରେ ଗୁପଚୁପ୍‌ରେ
ରେଡ୍, ଖଟିଆଙ୍କ ମନ ଦୁଃଖ
ସଡ଼କ କଡ଼ର ଚଟପଟା ଛାଡ଼ି
କେମିତି ମେଣ୍ଟିବ ଭୋକ ।
ଉବେର-ରାପିଡୋ ବନ୍ଦ ହେବା ନେଇ
ପନ୍ଦର ଦିନର ଡେଡ୍-ଲାଇନ୍
ବାତ୍ୟା, ଭୋକ ଆଉ ଟ୍ରାଫିକ୍ ଜାମ୍‌ରେ
ସାଧାରଣ ଲୋକ ହଇରାଣ।

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଅଳ୍ପ ଦିନ ପୂର୍ବେ ମୁଁ କେନ୍ଦୁଝର ଜିଲ୍ଲାକୁ ଯାଇଥିଲି, ସେହି ରତ୍ନଗର୍ଭା ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କର ଅବସ୍ଥା କ'ଣ ତାହା ଜାଣିବା ପାଇଁ ।

ପ୍ରଥମେ ଗଲି କେନ୍ଦୁଝର ସହରଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଥିବା ଏକ ଜୁଆଙ୍ଗ ବସତିକୁ । ଏହା କେନ୍ଦୁଝର ସଦର ବିଧାନସଭା ମଣ୍ଡଳୀର ଅନ୍ତର୍ଭୁକ୍ତ । ଗ୍ରାମର ନାମ ହେଲା କୁଣ୍ଢେଇ । ସେଠାରେ ପହଞ୍ଚିବା ପାଇଁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଲା । ଶେଷ ପାଞ୍ଚ କିଲୋମିଟର ରାସ୍ତା ଏତେ କଦର୍ଯ୍ୟ ଥିଲା ଯେ ତାହା ଉପରେ ଗାଡ଼ି ଚଳାଇବା ପାଇଁ ଆବଶ୍ୟକ ଥିଲା ନିଖୁଣ କୌଶଳ । ଗ୍ରାମବାସୀମାନେ ଏକ ସ୍ୱରରେ କହିଲେ ଯେ, ଗ୍ରାମକୁ ପକ୍କା ରାସ୍ତା ଏକ ପ୍ରାଥମିକ ଆବଶ୍ୟକତା । କାରଣ ତାହା ବିନା ଗାଁକୁ ଆମ୍ବୁଲାନ୍ସ ଆସିବା କଷ୍ଟକର । ପିଇବା ପାଣି ପାଇଁ ଗୋଟିଏ ମାତ୍ର ଟ୍ୟୁବ୍ ୱେଲ ଅଛି । କିଛି ବର୍ଷ ପୂର୍ବେ ସେହି ଗାଁର ଜମିକୁ ଏକ କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ ଜଳସେଚିତ କରାଯାଉଥିଲା । ଆଜି ତାହା ଭାଙ୍ଗିରୁଜି ଯାଇଛି । ତାହାର ଆଉ ମରାମତି କରାଯାଉ ନାହିଁ । ଏକ ସମୟରେ ଗାଁର ଚାଷୀମାନଙ୍କୁ ଆଇଟିଡିଏ ତରଫରୁ ମାଗଣାରେ ବିହନ, ସାର ଆଦି ଯୋଗାଇ ଦିଆ ଯାଉଥିଲା । ଆଜି ତାହା ବନ୍ଦ ହୋଇଯାଇଛି । ଅନେକ ବ୍ୟକ୍ତି ଭତ୍ତା ଅପେକ୍ଷାରେ ଅଛନ୍ତି । ଯେଉଁମାନଙ୍କୁ ଭତ୍ତା ମଞ୍ଜୁର କରାଯାଇଛି ସେମାନଙ୍କର ଟଙ୍କା ମାସ ମାସ ଧରି ବ୍ୟାଙ୍କରେ ପେଠ ହେଉ ନାହିଁ ।



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ତା' ପରେ ଆମେ ଗଲୁ ଆଉ ଏକ ଜୁଆଙ୍ଗ ଗାଁକୁ । ତାହାର ନାମ ହେଲା ଘୁଙ୍ଗି । ଗ୍ରାମର ଆର୍ଥିକ ଅବସ୍ଥା ଶୋଚନୀୟ । ଜଣେ ବ୍ୟକ୍ତିର ଗୋଟିଏ ଘର ଦେଖିଲୁ ଯାହାର ଆକାର ହେଲା ଆଠ ଫୁଟରେ ପାଞ୍ଚ ଫୁଟ । ଘରର ମାତ୍ର ତିନୋଟି କାନ୍ଥ । ଗୋଟିଏ ପଟର କାନ୍ଥ ନଥିଲା । କିଛି ବଦାନ୍ୟ ବ୍ୟକ୍ତି ଛାତ ପାଇଁ କିଛି ଟିଣର ବ୍ୟବସ୍ଥା କରିଦେଇଛନ୍ତି । କିନ୍ତୁ ତାକୁ ଲଗାଇବା ପାଇଁ ଲୋକଟି ପାଖରେ କାଠ ନାହିଁ । ସେହି ଗୋଟିଏ ବଖରା ଭିତରେ ରୋଷେଇ ହୁଏ ଓ ଛଅ ପ୍ରାଣୀ ଶୁଅନ୍ତି । ପିଲାମାନେ ପୁଷ୍ଟିହୀନ । ଘରର ମୁରବୀ ଗୋରୁ ଚରାଇ ଗୁଜୁରାଣ ମେଣ୍ଟାନ୍ତି । ଝିଅଟିଏ ବସି ପଖାଳ ଖାଉଥାଏ । ତାହାର ବ୍ୟଞ୍ଜନ ହେଉଛି ଲୁଣ ଓ ଗୋଟିଏ ଛୋଟ ଲଙ୍କା । ଗାଁର ସବୁ ଘରଗୁଡ଼ିକର ଛାତ ଖପରରେ ତିଆରି । ସମଗ୍ର ଗାଁରେ ଗୋଟିଏ ହେଲେ ପକ୍କା ଘର ଦେଖିବାକୁ ମିଳିଲା ନାହିଁ ।

ଗାଁ ଲୋକେ ମୋତେ କହିଲେ ଯେ ଅନେକ ଜୁଆଙ୍ଗ ବସତି ଅଛି ଯେଉଁଠିକୁ ରାସ୍ତା ନାହିଁ । ମୌଳିକ ଭିତ୍ତିଭୂମି ନାହିଁ । ସେଠିକାର ଶିକ୍ଷା ଅବସ୍ଥା ସହଜରେ ଅନୁମେୟ । ସ୍ୱାସ୍ଥ୍ୟ ସୁବିଧା ନାହିଁ । ଲୋକମାନଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ।

ତା ପରେ ଆମେ ଗଲୁ ଗୋଟିଏ ଭୂୟାଁ ଗାଁକୁ । ତାହାର ନାଁ କୁର୍ମିତା । ଏହାର ପରିଚୟ ହେଲା ଏହା ହେଉଛି ଧରଣିଧର ଭୂୟାଁଙ୍କ ଗାଁ । ଏକାଧିକ ସରକାରୀ ଅନୁଷ୍ଠାନ ତାଙ୍କରି ନାମରେ ନାମିତ ହୋଇଛି । କିନ୍ତୁ ତାଙ୍କର ନିଜ ଘର ପୂର୍ବରୁ ଯେଉଁ ଅବସ୍ଥାରେ ଥିଲା ଆଜି ମଧ୍ୟ ସେଇ ଅବସ୍ଥାରେ ଅଛି । ଗୋଟିଏ ବଖରା । ତାହାରି ଭିତରେ ସବୁ କାର୍ଯ୍ୟ । ଅଗଣାରେ ଥିବା କୂଅ ପରିତ୍ୟକ୍ତ ଅବସ୍ଥାରେ । ଏହା ହେଉଛି ପୂଜ୍ୟପୂଜାର ଏକ ନମୁନା ।

ତା ପରେ ଆମେ ଗଲୁ ଯୋଡ଼ା ଓ ବଡ଼ବିଲ ଗସ୍ତରେ । କେନ୍ଦୁଝର କୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତ ଓ ମସୃଣ । ଷାଠିଏ କିଲୋମିଟରର ଦୂରତା ଅତିକ୍ରମ କରିବାକୁ ଲାଗେ ଗୋଟିଏ ଘଣ୍ଟା । ଏହି ଅଞ୍ଚଳର ଦୋକାନ ଗୁଡିକୁ ଦେଖିଲେ ଜଣା ଯାଏ ଯେ, ସେଗୁଡ଼ିକ ମୁଖ୍ୟତଃ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ । ଅଧିକାଂଶ ଦୋକାନର ମାଲିକ ଓ କର୍ମଚାରୀ ପଡୋଶୀ ରାଜ୍ୟରୁ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ବ୍ୟକ୍ତି ଓଡିଆ କହି ପାରନ୍ତି ନାହିଁ ।

କେନ୍ଦୁଝର ଜିଲ୍ଲା ଓଡ଼ିଶାର ବୋଧ ହୁଏ ସବୁଠାରୁ ଅଧିକ ଖଣିଜସମ୍ପନ୍ନ ଜିଲ୍ଲା । ଓଡ଼ିଶାର ବାର୍ଷିକ ୫୦,୦୦୦ କୋଟି ଟଙ୍କାର ଖଣି ରାଜସ୍ୱର ସିଂହ ଭାଗ ଆସେ କେନ୍ଦୁଝରରୁ । କେନ୍ଦୁଝରର ଲୁହା ପଥର ଯୋଗୁଁ ଟାଟା, ଜିନ୍ଦଲ ଆଦି କମ୍ପାନୀ ଆଜି କୋଟିପତି । କିନ୍ତୁ ସେହି ଜିଲ୍ଲାର ଆଦିବାସୀମାନେ ବୁଭୁକ୍ଷିତ । ଶିଳ୍ପପତିଙ୍କ କାରଖାନାକୁ କଞ୍ଚାମାଲ ଯୋଗାଇବା ପାଇଁ ରାସ୍ତା ହେଉଛି ବିଶ୍ୱସ୍ତରୀୟ। କିନ୍ତୁ ଜୁଆଙ୍ଗ ଗାଁକୁ ଆମ୍ବୁଲାନ୍ସ ଯାଏ ନାହିଁ । ଯେ କୌଣସି ବିବେକବାନ ବ୍ୟକ୍ତିକୁ ଏଭଳି ଉତ୍କଟ ତାରତମ୍ୟ ବ୍ୟଥିତ କରିବ । ତାହା ହେଲେ ବିକାଶ କାହା ପାଇଁ ? କୋଟି କୋଟି ଟଙ୍କାର ଏମଓୟୁ କାହା ସ୍ୱାର୍ଥରେ ?

ଏହା କେବଳ କେନ୍ଦୁଝରର କାହାଣୀ ନୁହେଁ । ସୁନ୍ଦରଗଡ଼ର କୋଇଡ଼ା ଖଣି ଅଞ୍ଚଳ ବା ହେମଗିରିର କୋଇଲା ଖଣି ଅଞ୍ଚଳ, ଅବିଭକ୍ତ କୋରାପୁଟ ଜିଲ୍ଲାର ବକ୍ସାଇଟ୍ ଖଣି ଅଞ୍ଚଳ – ସବୁଠାରେ ବିକାଶର ଦୟନୀୟଚିତ୍ର ଦେଖିବାକୁ ମିଳେ । କୋଟି କୋଟି ଟଙ୍କାର ଖଣିଜ ସମ୍ପଦର ପ୍ରକୃତ ଲାଭାର୍ଥୀ ହେଉଛନ୍ତି ସୁଦୂର ଦିଲ୍ଲୀ ବା ଲଣ୍ଡନର କୋଟିପତି । ସେହି ଅଞ୍ଚଳର ଅଧିବାସୀ ନୁହନ୍ତି । ଅନୁରୂପ ଦୃଶ୍ୟ ଆଫ୍ରିକା ମହାଦେଶର ବିଭିନ୍ନ ଦେଶମାନଙ୍କରେ ଦେଖିବାକୁ ମିଳେ । ଏସବୁକୁ କୁହାଯାଏ "ସମ୍ପଦର ଅଭିଶାପ" । ଏହି ଅଭିଶାପକୁ କ'ଣ ଆଶୀର୍ବାଦରେ ପରିଣତ କରାଯାଇ ପାରିବ ନାହିଁ ? ସ୍ଥାନୀୟ ଅଧିବାସୀମାନଙ୍କୁ ଖଣି ଖନନର ଲାଭାର୍ଥୀ କରା ଯାଇପାରିବ ନାହିଁ ?

ବିଭିନ୍ନ ସରକାର ସେଥିପାଇଁ ଆଇନଗତ ବ୍ୟବସ୍ଥା କରିଛନ୍ତି । ଆଜି ଖଣିଜ ସମ୍ପଦ ବହନ କରୁଥିବା ଜିଲ୍ଲାମାନଙ୍କରେ "ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି" ଗଠନ କରାଯାଇଛି । ଉକ୍ତ ପାଣ୍ଠିର ପରିଚାଳନା ପାଇଁ ଗଠିତ କମିଟିର ମୁଖ୍ୟ ହେଉଛନ୍ତି ଜିଲ୍ଲାପାଳ, ଜିଲ୍ଲାର ନିର୍ବାଚିତ ପ୍ରତିନିଧିମାନେ ତାହାର ସଭ୍ୟ । ଉଦ୍ଦେଶ୍ୟ ହେଲା ଉକ୍ତ ପାଣ୍ଠିରେ ଗଚ୍ଛିତ ଅର୍ଥ ଖଣି ଖନନ ଦ୍ୱାରା ପ୍ରଭାବିତ ପରିବାରମାନଙ୍କର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖାଯାଉଛି ଯେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ଖଣି ପ୍ରଭାବିତ ପରିବାରମାନଙ୍କର ଉନ୍ନତି ଘଟି ନାହିଁ ।

ଏହାର ମୁଖ୍ୟ କାରଣ ହେଲା ନା ଜିଲ୍ଲାପାଳ ନା ନିର୍ବାଚିତ ପ୍ରତିନିଧି ପ୍ରଭାବିତ ପରିବାରମାନଙ୍କ ଉନ୍ନତି ପାଇଁ ଚିନ୍ତିତ । କେନ୍ଦୁଝର ଉଦାହରଣରେ ଏହା ସୁସ୍ପଷ୍ଟ ଯେ, ସ୍ଥାନୀୟ ଅଧିବାସୀ ମାନଙ୍କର ମୌଳିକ ଆବଶ୍ୟକତା ହେଉଛି ରାସ୍ତା ଯାହାକି ଏ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇ ପାରିଲା ନାହିଁ। ପିଇବା ପାଣି ମଧ୍ୟ ଏକ ମୌଳିକ ଆବଶ୍ୟକତା। କେନ୍ଦୁଝରରେ ସେଥିପାଇଁ ପ୍ରତ୍ୟେକ ଘରକୁ ପାଇପ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ ବରାଦ କରାଯାଇଛି । ଯେଉଁଠି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ସେଠାରେ ଦୈନିକ ମାତ୍ର ଏକ ଘଣ୍ଟା ପାଣି ଦିଆ ଯାଉଛି, ତାହା ମଧ୍ୟ ଦୁଆର ମୁହଁରେ, ରୋଷେଇ ଘର ବା ପାଇଖାନାରେ ନୁହେଁ । ଦିନର ଅନ୍ୟ ସମୟରେ ମହିଳାମାନେ ଟ୍ୟୁବ୍ ୱେଲ ଉପରେ ନିର୍ଭରଶୀଳ । କିନ୍ତୁ ଗାଁ ରେ ମାତ୍ର ଗୋଟିଏ ବା ଦୁଇଟି ଟ୍ୟୁବ୍ ୱେଲ ଉପଲବ୍ଧ ଯାହାକି ସମୁଦ୍ରକୁ ଶଙ୍ଖେ । ଅଧିକ ଟ୍ୟୁବ୍ ୱେଲ ଦେବା ସମ୍ଭବପର ନୁହେଁ । କାରଣ ଗାଁରେ ପାଇପ ଦ୍ୱାରା ଜଳଯୋଗାଣ କରା ଯାଉଛି । ତେଣୁ କାର୍ଯ୍ୟତଃ ଲୋକଙ୍କର ତୃଷା ମେଣ୍ଟି ପାରିଲା ନାହିଁ । ଏଥିରୁ ସୁସ୍ପଷ୍ଟ ଯେ, ଖଣିଜ ଉନ୍ନୟନ ପାଣ୍ଠିର ପ୍ରକୃତ ଲାଭାର୍ଥୀ ହେଉଛନ୍ତି ପାଇପ ଜଳଯୋଗାଣ ପାଇଁ ନିଯୋଜିତ କଣ୍ଟ୍ରାକ୍ଟର, ଗ୍ରାମବାସୀ ନୁହନ୍ତି ।

ସୁନ୍ଦରଗଡ଼ ଜିଲ୍ଲାର ଏକ ଉଦାହରଣ ନିଆ ଯାଇପାରେ। କେନ୍ଦୁଝର ଭଳି ସୁନ୍ଦରଗଡ଼ ମଧ୍ୟ ଏକ ଖଣିବହୁଳ ଜିଲ୍ଲା । ସେଠାରେ ମଧ୍ୟ ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଗଠନ କରାଯାଇଛି ଓ ସେଥିରେ ହଜାର ହଜାର କୋଟି ଟଙ୍କା

କେନ୍ଦୁଝରର ଚିତ୍ର

ଗଚ୍ଛିତ ହୋଇଛି । ଏହା କିଭଳି ଖର୍ଚ୍ଚ ହୋଇଛି ? ସୁନ୍ଦରଗଡ଼ ଜିଲ୍ଲା ହେଉଛି ହକି ଖେଳର ଏନ୍ଥୁଡ଼ିଶାଳ । ଏହାକୁ ଆଳ କରି ବିଶ୍ୱକପ ହକି ପ୍ରତିଯୋଗିତା ପାଇଁ ଖଣିଜ ଉନ୍ନୟନ ପାଣ୍ଠିରୁ ରାଉରକେଲା ଠାରେ ଏକ "ବିଶ୍ୱସ୍ତରୀୟ" ଷ୍ଟାଡିୟମ ନିର୍ମାଣ କରାଯାଇଛି । ଉକ୍ତ ପ୍ରତିଯୋଗିତା ପରେ ଷ୍ଟାଡିୟମଟି କିଭଳି ଭାବରେ ବ୍ୟବହୃତ ହେଉଛି ? ଆନ୍ତର୍ଜାତିକ ଖେଳାଳିମାନଙ୍କ ପାଇଁ ନିର୍ମିତ ବିଳାସପୂର୍ଣ୍ଣ ହଷ୍ଟେଲ୍‌ଟି ବର୍ତ୍ତମାନ ଏକ ପଞ୍ଚ ତାରକା ହୋଟେଲ ଚାଲୁଛି । ତାହା ଦ୍ୱାରା ସୁନ୍ଦରଗଡ଼ର ଆଦିବାସୀ ଖେଳାଳିମାନଙ୍କର କି ଲାଭ ହୋଇଛି ? ଯଦି ସେହି ଉଦୀୟମାନ ଖେଳାଳିମାନଙ୍କର ପ୍ରତିଭାର ବିକାଶ ବିଷୟରେ ଚିନ୍ତା କରାଯାଇ ଥାଆନ୍ତା। ତେବେ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା ହକି ଷ୍ଟିକ୍, ଜୋତା,ଆଷ୍ଟ୍ରୋଟର୍ଫ ଆଦି ଯୋଗାଇ ଦିଆଯାଇ ପାରନ୍ତା । ବିଶ୍ୱସ୍ତରୀୟ ଷ୍ଟାଡିୟମ ବଦଳରେ ବିଶ୍ୱସ୍ତରୀୟ କୋଚ୍ ନିଯୁକ୍ତ କରାଯାଇ ପାରନ୍ତା ।

ଯାଜପୁରର ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି କିଭଳି ଭାବରେ ବ୍ୟବହୃତ ହୋଇଛି ସେ ବିଷୟରେ "ସମ୍ବାଦ"ରେ ଲଗାତାର ଭାବରେ ଅନୁସନ୍ଧାନମୂଳକ ବିବରଣୀ ପ୍ରକାଶିତ ହୋଇ ଆସୁଛି । ଉକ୍ତ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ହେଉଛି ସୁକିନ୍ଦା । କିନ୍ତୁ ପାଣ୍ଠି ଖର୍ଚ୍ଚ ହୋଇଛି ଜିଲ୍ଲା ସଦର ମହକୁମାରେ । ଯେଉଁ ଭିତ୍ତିଭୂମି ସୃଷ୍ଟି କରାଯାଇଛି ସେଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅବ୍ୟବହୃତ ହୋଇପଡ଼ି ରହିଛି । ଜିଲ୍ଲାପାଳ ଓ ନିର୍ବାଚିତ ପ୍ରତିନିଧିମାନେ ଉକ୍ତ ପାଣ୍ଠିକୁ ହସ୍ତମୁଦିମାହାଲ ଭାବରେ ଖର୍ଚ୍ଚ କରି ଚାଲିଛନ୍ତି ।

ଏ ବ୍ୟବସ୍ଥାରେ ଏକ ପରିବର୍ତ୍ତନ ଆଣିବାକୁ ହେବ । ସବୁ ଖଣି ପ୍ରଭାବିତ ଜିଲ୍ଲାପାଇଁ ଏକ ପାଞ୍ଚ ବର୍ଷିଆ ଯୋଜନା ପ୍ରସ୍ତୁତ କରିବାକୁ ହେବ ଯେଉଁଥିରେ କି ଆଦିବାସୀ ଓ ଅନୁନ୍ନତ ଅଞ୍ଚଳ ଗୁଡ଼ିକର ମୌଳିକ ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯିବ । ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ଜଳସେଚନ ଆଦି ଯୋଗାଇ ଦିଆଯିବ । ପ୍ରତ୍ୟେକ ବ୍ଲକରେ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ ଯେଉଁଥିରେ କି ଉକ୍ତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏହା ବ୍ୟତୀତ ପ୍ରତି ବର୍ଷ ଆଦାୟ ହେଉଥିବା ଅର୍ଥର ଶତକଡା ୪୦ ଭାଗ ଖଣି ଦ୍ୱାରା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭତ୍ତା ଆକାରରେ ପ୍ରଦାନ କରାଯିବ ।

ଏଭଳି କେତେକ ପଦକ୍ଷେପ ନିଆଗଲେ ଖଣି ଖନନର ଲାଭ ସ୍ଥାନୀୟ ପରିବାରମାନେ ପାଇ ପାରିବେ । "ସମ୍ପଦର ଅଭିଶାପ" ଆଶୀର୍ବାଦରେ ପରିଣତ ହେବ । ଖଣି ଖନନ ପାଇଁ ଲୋକଙ୍କ ତରଫରୁ ଆପତ୍ତି ହେବ ନାହିଁ ।



ପୁଣି ୧୬ରେ ସମ୍ଭାବ୍ୟ ବାତ୍ୟା 'ଅକ୍ୱାନ'

- ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ସ୍ଥଳଭାଗ ଛୁଇଁବା ନେଇ ଚିତ୍ର ଅସ୍ପଷ୍ଟ
- ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ସରକାର



ଭୁବନେଶ୍ୱର,୧୪/୧୧(ଜେଏନ୍‌ଏସ୍) : ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୧୬ ତାରିଖ ସନ୍ଧ୍ୟା ସୁଦ୍ଧା କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ବାତ୍ୟାର ରୂପ ନେଇପାରେ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି। ବାତ୍ୟାରେ ପରିଣତ ହେଲେ ଇରାନ ପକ୍ଷରୁ ଦିଆଯାଇଥିବା ନାମ ଅନୁସାରେ ଏହାର ନାମ 'ଅକ୍ୱାନ' ରଖାଯିବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଥିବା ଲଘୁଚାପ ଆଜି (ନଭେମ୍ବର ୧୪) ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆସନ୍ତାକାଲି ଅର୍ଥାତ୍ ୧୫ ତାରିଖ ସକାଳ ସୁଦ୍ଧା ଅବପାତ ଏବଂ ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାଟି କେଉଁଠି ସ୍ଥଳଭାଗ ଛୁଇଁବ ,ସେ ନେଇ ଆଇଏମ୍‌ଡି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଆକଳନ କରା ଯାଇନାହିଁ। ଅନ୍ୟପଟେ ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ମଡେଲ ଆକଳନ କରିଛନ୍ତି ଯେ ଏହା ନଭେମ୍ବର ୧୯ ତାରିଖ ବେଳକୁ ଆନ୍ଧ୍ରପ୍ରଦେଶର କାକିନାଡ଼ା ଆଖପାଖରେ ସ୍ଥଳଭାଗ ଛୁଇଁପାରେ। କିନ୍ତୁ ଅନ୍ୟ ଏକ ମଡେଲ ଏହା ଆନ୍ଧ୍ର ଓ ଓଡ଼ିଶା ଉପକୂଳ ଦେଇ ବାଂଲାଦେଶ ଆଡ଼କୁ ମୁହାଁଇପାରେ ବୋଲି ଦର୍ଶାଇଛି।

ବାତ୍ୟାର ପ୍ରଭାବରେ ଆସନ୍ତା ୧୮ ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଗରେ ପରିବର୍ତ୍ତନ ଆସିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୮ ଓ ୧୯ ତାରିଖ ପାଇଁ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯ ଓ ୨୦ ତାରିଖରେ ରାୟଗଡ଼ା, ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହାଛଡ଼ା ୧୮ ରୁ ୨୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ଯୋଗୁଁ ଆସନ୍ତା ୧୭ ତାରିଖରୁ ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ। ସମୁଦ୍ର ମଧ୍ୟରେ ପୃଷ୍ଠା-୭

ମହାଦେବ ବେଟିଂ ଆପ୍ ମାମଲା

ଦେଶର ୬ ରାଜ୍ୟର ୩୩ଟି ସ୍ଥାନରେ ସିବିଆଇର ବଡ଼ଧରଣର ରେଡ୍

ନୂଆଦିଲ୍ଲୀ,୧୪/୧୧ : ବହୁଚର୍ଚ୍ଚିତ ମହାଦେବ ଅନ୍‌ଲାଇନ୍ ବେଟିଂ ଆପ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଆଇ ଟିମ୍ ଦେଶର ୬ଟି ରାଜ୍ୟର ମୋଟ ୩୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ବେଆଇନ ବେଟିଂ ପ୍ଲାଟଫର୍ମର ପ୍ୟାନେଲ ଅପରେଟରମାନଙ୍କ ଠିକଣାରେ ଏହି ତଲାସି ଅଭିଯାନ ଚଲାଯାଇଥିଲା। ମହାଦେବ ବେଟିଂ ଆପ୍‌ର ଅନ୍ୟତମ ମୁଖ୍ୟ ପ୍ରମୋଟର ସୌରଭ ଚନ୍ଦ୍ରାକରଙ୍କୁ ଗତ ନଭେମ୍ବର ୧ ତାରିଖରେ ପୃଷ୍ଠା-୭

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହେଲେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ



କଟକ/ଭୁବନେଶ୍ୱର, ୧୪/୧୧ (ଜେଏନ୍‌ଏସ୍) : ଓଡ଼ିଶା ହାଇକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତୀ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ପ୍ରତାପ ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳିଲେ ମୁଖ୍ୟମନ୍ତ୍ରୀ



ନୀଳଗିରି, ୧୪/୧୧ (ଜେଏନ୍‌ଏସ୍) : ରାଜ୍ୟ ରାଜନୀତିର ଚାଣକ୍ୟ , ଜଣେ ବିଚକ୍ଷଣ ରାଜନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୭୨ବର୍ଷରେ ପାଦ ଥାପିଛନ୍ତି। ନୀଳଗିରି ଯୁବ ସ୍ୱାଭିମାନମଞ୍ଚ ତରଫରୁ ଏଥି ନିମନ୍ତେ ନୀଳଗିରି ଡାକବଙ୍ଗଳା ପରିସରରେ ଭବ୍ୟ ଆୟୋଜନ ସହ ଏକ ମେଗାରକ୍ତଦାନ ଶିବିରର ଆୟୋଜନ କରା ଯାଇଥିଲା। ଜନ୍ମଦିନକୁ ଭବ୍ୟତାର ସହ ନୀଳଗିରି ନିର୍ବାଚନମଣ୍ଡଳୀ ସହିତ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାମାନେ ଉତ୍ସାହର ସହ ପାଳନ କରିଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱରରେ ଆୟୋଜିତ ଉତ୍ସବରେ ଯୋଗଦେଇ ମଧୁବାବୁ ପେନସନ ଯୋଜନା ପୋର୍ଟାଲର ଲୋକାର୍ପଣ କରିବା ସହିତ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିଲେ। ପରେ ସଡ଼କପଥରେ କାରଯୋଗେ ନୀଳଗିରି ଆସିଥିଲେ। ସର୍କିଟ ହାଉସରେ ଆୟୋଜିତ ପ୍ରତାପ ଷଡ଼ଙ୍ଗୀଙ୍କ ଜନ୍ମଦିବସ ଉପଲକ୍ଷେ ରକ୍ତଦାନ ଶିବିର, ମହିଳାଙ୍କ ପାଇଁ ସିଲେଇ ମେସିନ୍ ପ୍ରଦାନ, ଭିନ୍ନକ୍ଷମଙ୍କ ପାଇଁ ଟ୍ରାଇସାଇକେଲ ପ୍ରଦାନ ପ୍ରଭୃତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତପାଇଁ ଶୁଭେଚ୍ଛୁମାନେ ପୁଷ୍ପବୃଷ୍ଟି କରି ସଭାସ୍ଥଳକୁ ପାଛୋଟି ନେଇଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ ପ୍ରତାପନନାଙ୍କ ଜନ୍ମଦିବସ ପାଳନ ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଫିତାକାଟି ଉଦ୍ଘାଟନ କରିଥିଲେ।ପରେ ଆୟୋଜିତ ସଭାରେ ପ୍ରତାପ ନନାଙ୍କ ୭୨ତମ ଜନ୍ମଦିନରେ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଶିଷ୍ଟବ୍ୟକ୍ତିଙ୍କ ଉପସ୍ଥିତିରେ କେକକାଟି ଶୁଭେଚ୍ଛା ଜଣାଇବା ସହିତ ଶତକାୟ ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ରାଜ୍ୟସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଲି, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ସେ ଏସଏସଜି ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଦୁଇଟି ସିଲେଇ ମେସିନ୍ ବଣ୍ଟନକରି ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ବହୁ ଶୁଭେଚ୍ଛୁଙ୍କ ଗହଣରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଭିନ୍ନକ୍ଷମ ମାନଙ୍କୁ ଟ୍ରାଇସାଇକେଲ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସିଏସଆର ଯୋଜନାରେ ୨୫ଗୋଟି ମହିଳାଗୋଷ୍ଠୀଙ୍କୁ ସିଲେଇମେସିନ୍ ପ୍ରଦାନ କରିଥିଲେ। ଦିବସବ୍ୟାପି କାର୍ଯ୍ୟକ୍ରମରେ ବହୁ ଶୁଭେଚ୍ଛୁ ସାଂସଦଙ୍କୁ ଭେଟି ୭୨ତମ ଜନ୍ମଦିନରେ ଶୁଭେଚ୍ଛାଜଣାଇବା ସହିତ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନସ୍ଥାନରେ ଆୟୋଜିତ ମେଗା ରକ୍ତଦାନ ଶିବିରରୁ ମୋଟ ୧୮୦୫ଟି ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଉପଖଣ୍ଡର ସମସ୍ତ ବିଭାଗର ପ୍ରଶାସନିକ ଅଧିକାରୀ ଏବଂ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖାଯାଇଥିଲା।

୫ଜି ଯୁଗରେ ନେଟୱାର୍କ ପାଇଁ ହାହାକାର

ବେଣାପାଞ୍ଜରୀ ଓ ଆଖପାଖ ଗ୍ରାମରେ ଏୟାରଟେଲ୍, ଭିଆଇ ଓ ଜିଓ ସେବା ଠପ୍

- ରିଚାର୍ଜ ଟଙ୍କା ନେଉଛନ୍ତି, ହେଲେ ମିଳୁନି ଉପଯୁକ୍ତ ସେବା
- ବର୍ଷ ବର୍ଷ ଧରି ବ୍ୟାକ୍‌ଅପ୍ ବ୍ୟାଟେରି ଅଚଳ, ଉପଭୋକ୍ତା ହନ୍ତସନ୍ତ

ଖୋର୍ଦ୍ଧା, ୧୪/୧୧ (ଜେଏନ୍‌ଏସ୍) : ଦେଶ ୫ଜି ଯୁଗରେ ପହଞ୍ଚିଥିବା ବେଳେ ବେଣାପାଞ୍ଜରୀ ଓ ଏହାର ଆଖପାଖ ଗ୍ରାମର ଲୋକେ ମୋବାଇଲ୍ ନେଟୱାର୍କ ସମସ୍ୟାରୁ ମୁକ୍ତି ପାଇପାରୁନାହାନ୍ତି। ଏୟାରଟେଲ୍, ଭିଆଇ ଓ ଜିଓ ଭଳି ଟେଲିକମ୍ କମ୍ପାନୀର ସେବା ଉପରେ ନିର୍ଭରଶୀଳ ଉପଭୋକ୍ତାଙ୍କ ପାଇଁ ନେଟୱାର୍କ ସମସ୍ୟା ଏବେ ନିତିଦିନିଆ ଯନ୍ତ୍ରଣା ପାଲଟିଛି। ମାସ ମାସ ଧରି ରିଚାର୍ଜ କରି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଆବଶ୍ୟକ ସମୟରେ ମିଳୁନି ନେଟୱାର୍କ ସେବା। ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହେଲେ ମୋବାଇଲ୍ ନେଟୱାର୍କ ମଧ୍ୟ ଗାୟବ ହୋଇଯାଉଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ନଥିଲେ ଟାୱାରରୁ ନେଟୱାର୍କ ସେବା ବନ୍ଦ ହୋଇଯାଉଛି। ଏଥିରୁ ଟାୱାରଗୁଡ଼ିକରେ ଥିବା ବ୍ୟାକ୍‌ଅପ୍ ବ୍ୟାଟେରିର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକ୍ଷମତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ବର୍ଷ ବର୍ଷ ଧରି ବ୍ୟାଟେରି ବଦଳାଯାଉନଥିବା ଅଭିଯୋଗ ମଧ୍ୟ ହେଉଛି। ଫଳରେ ବିଦ୍ୟୁତ୍ ଚାଲିଗଲେ ଲୋକଙ୍କୁ ନେଟୱାର୍କ ଫେରିବା ପାଇଁ ବିଦ୍ୟୁତ୍ ଆସିବାକୁ ଅପେକ୍ଷା କରିବାକୁ ପଡୁଛି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଜରୁରୀ ସମୟରେ ମଧ୍ୟ ଲୋକେ ଫୋନ୍ କରିବାକୁ ଅସମର୍ଥ ହେଉଛନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା, ଆମ୍ବୁଲାନ୍ସ ଡାକିବା, ପୁଲିସକୁ ସୂଚନା ଦେବା କିମ୍ବା ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିବା ଭଳି ଜରୁରୀ କାର୍ଯ୍ୟରେ ନେଟୱାର୍କ ଅଭାବ ବାଧକ ସାଜୁଛି। ଅନ୍ୟପକ୍ଷରେ ଅନଲାଇନ୍ ପାଠପଢ଼ା, ଡିଜିଟାଲ୍ କାରବାର ଓ ସରକାରୀ ଅନଲାଇନ୍ ସେବା ମଧ୍ୟ ପ୍ରଭାବିତ ହେଉଛି।

ଏନେଇ ଉପଭୋକ୍ତାମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ଚାଲିଗଲେ ଲୋକଙ୍କୁ ନେଟୱାର୍କ ଫେରିବା ପାଇଁ ବିଦ୍ୟୁତ୍ ଆସିବାକୁ ଅପେକ୍ଷା କରିବାକୁ ପଡୁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଜରୁରୀ ସମୟରେ ମଧ୍ୟ ଲୋକେ ଫୋନ୍ କରିବାକୁ ଅସମର୍ଥ ହେଉଛନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା, ଆମ୍ବୁଲାନ୍ସ ଡାକିବା, ପୁଲିସକୁ ସୂଚନା ଦେବା କିମ୍ବା ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିବା ଭଳି ଜରୁରୀ କାର୍ଯ୍ୟରେ ନେଟୱାର୍କ ଅଭାବ ବାଧକ ସାଜୁଛି। ଅନ୍ୟପକ୍ଷରେ ଅନଲାଇନ୍ ପାଠପଢ଼ା, ଡିଜିଟାଲ୍ କାରବାର ଓ ସରକାରୀ ଅନଲାଇନ୍ ସେବା ମଧ୍ୟ ପ୍ରଭାବିତ ହେଉଛି।

ଏନେଇ ଉପଭୋକ୍ତାମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଗ୍ରହଣ କରିବାରେ କମ୍ପାନୀଗୁଡ଼ିକ ଆଗ୍ରହ ଦେଖାଉଥିବା ବେଳେ ତାହାର ପ୍ରତିକାର କ୍ଷେତ୍ରରେ କିନ୍ତୁ ନିରବତା ଅବଲମ୍ବନ କରୁଥିବା ଲୋକେ କହିଛନ୍ତି।

ପ୍ରଶ୍ନ ଉଠୁଛି, ଯେଉଁ ସେବା ପାଇଁ ଉପଭୋକ୍ତା ନିୟମିତ ରିଚାର୍ଜ କରି ଅର୍ଥ ଦେଉଛନ୍ତି, ସେହି ସେବା ନିରବଚ୍ଛିନ୍ନ ଭାବେ ଯୋଗାଇବାରେ କମ୍ପାନୀଗୁଡ଼ିକ ବିଫଳ କାହିଁକି? ଉପଭୋକ୍ତାଙ୍କ ଟଙ୍କା ନେବାରେ ତତ୍ପରତା, ହେଲେ ସେବା ଯୋଗାଇବାରେ ଏତେ ଅବହେଳା କାହିଁକି? ସରକାରୀ ନିୟମ ଓ ଉପଭୋକ୍ତାଙ୍କ ଅଧିକାର ପ୍ରତି ଟେଲିକମ୍ କମ୍ପାନୀଗୁଡ଼ିକର ଏଭଳି ମନୋଭାବ କେତେଦୂର ଗ୍ରହଣୀୟ ? ଏଣୁ ତୁରନ୍ତ ସମ୍ପୃକ୍ତ ଟେଲିକମ୍ କମ୍ପାନୀଗୁଡ଼ିକ ଟାୱାରର ବ୍ୟାକ୍‌ଅପ୍ ବ୍ୟାଟେରି ଯାଞ୍ଚ, ଆବଶ୍ୟକ ମରାମତି ଓ ନେଟୱାର୍କର ମାନ ଉନ୍ନତ କରିବା ସହିତ ଦାୟିତ୍ୱହୀନତା ପାଇଁ ଜବାବ ଦେବାକୁ ଦାବି ହୋଇଛି। ନଚେତ୍ ରିଚାର୍ଜ ନାଁରେ ଟଙ୍କା ଆଦାୟ କରି ଉପଭୋକ୍ତାଙ୍କୁ ସେବାରୁ ବଞ୍ଚିତ କରିବାର ଏହି ଧାରା କେବେ ବନ୍ଦ ହେବ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ।

କାଳିପୂଜାରେ ସିଦ୍ଧି ଲାଭପାଇଁ ତାନ୍ତ୍ରିକର ଶ୍ମଶାନରେ ନାବାଳିକାଙ୍କୁ ନେଇ ପୂଜାପାଠ



ନିମାପଡା, ୧୪/୧୧ (ଜେଏନ୍‌ଏସ୍) : ଉପାନ୍ତ ଅଞ୍ଚଳ ରୁହେଁ ନିମାପଡ଼ା ଭଳି ଶିକ୍ଷାଦୀକ୍ଷା ଥିବା ଅଞ୍ଚଳରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ପୁରି ରହିଥିବା ଏହି ଅଞ୍ଚଳରେ ଘଟିଥିବା ଏକ ଘଟଣାରୁ ପ୍ରକାଶ। ଜଣେ ତାନ୍ତ୍ରିକ ନାବାଳିକାମାନଙ୍କୁ ନେଇ ମଶାଣୀରେ ତନ୍ତ୍ରପୂଜା କରୁଥିବା ସମୟରେ ସ୍ଥାନୀୟ ଲୋକମାନେ ଖବର ପାଇ ତନ୍ତ୍ରସାଧକକୁ ଉତ୍ତମ ମଧ୍ୟମଦେଇ ନାବାଳିକାମାନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ତନ୍ତ୍ରସାଧକକୁ ନିମାପଡ଼ା ପୋଲିସର ଜିମା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାଶ କାଳିପୂଜା ଅବସରରେ କାଳି ମା'ଙ୍କୁ ପୂଜା କରି ବଳିଦେଲେ ପୂଜକ ସିଦ୍ଧିଲାଭ କରିଥାଏ ବୋଲି ଏଆଇ ଯୁଗରେ କିଛି ମୂର୍ଖ ବ୍ୟକ୍ତି ବିଶ୍ୱାସ କରିଥାନ୍ତି । ଏହି କଥାକୁ ବିଶ୍ୱାସ କରି ନିମାପଡ଼ା ଥାନା ଅନ୍ତର୍ଗତ ୫କିମି ଦୂରରେ ଥିବା ମିଟେଇପୁର ପଞ୍ଚାୟତର ବନ୍ତୁ ଗ୍ରାମର ସନ୍ତୋଷ ବେହେରା ନାମକ ଯୁବକ ଗତ ୮ତାରିଖ ରାତିରେ ଗ୍ରାମ ସ୍ମଶାନରେ ତନ୍ତ୍ର ଶାଧନା କରିବା ପାଇଁ ଆଖପାଖ ଗ୍ରାମରୁ ୧୦ଜଣ ଅଭିଯୁକ୍ତ କୁମାରୀ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଭୁଲାଇ ସ୍ମାଶାନକୁ ନେଇ ଆସି ପୂଜାପାଠ କରୁଥିଲା। ପୂଜାରେ ବସିଥିବା କୁମାରୀମାନଙ୍କ ହାତ, ପାଦ ଗୋଡ଼କୁ ଓ ପାଦକୁ ବ୍ଲେଡ଼ କିମ୍ବା ଛୁରାରେ କାଟି ପକାଇ ରକ୍ତାକ୍ତ କରିଥିଲା। ଯନ୍ତ୍ରଣା ସହି ନପାରି କୁମାରୀ କନ୍ୟାମାନେ ପାଟି କରିଥିଲେ। ଆଖପାଖରେ ଥିବା ଲୋକମାନେ କନ୍ୟାମାନେ ଯନ୍ତ୍ରଣା ସହି ନପାରି କାନ୍ଦିବା ଶୁଣି ଡ଼କାଡ଼କି ହୋଇ ସ୍ମଶାନକୁ ଆସି ସନ୍ତୋଷ ବେହେରାର କାଣ୍ଡ କାରଖାନ ଦେଖିଥିଲେ। ଲୋକମାନେ ଉତ୍ତ୍ୟକ୍ତ ହୋଇପଡ଼ି ତନ୍ତ୍ରବିଦ୍ୟା ଶିକ୍ଷା କରୁଥିବା ସନ୍ତୋଷକୁ ଉତ୍ତମ ମଧ୍ୟମଦେଇ ନିମାପଡ଼ା ପୁଲିସକୁ ଖବର ଦେଇଥିଲେ। ନିମାପଡ଼ା ଏସ.ଡ଼ିପିଓ ଜନାର୍ଦ୍ଦନ ପାଢୀ ଏବଂ ଥାନା ଆଇଆଇସି ଖବର ପାଇ ବନ୍ତୁଗ୍ରାମ ମଶାଣୀରେ ପହଁଞ୍ଚି ଅଭିଯୁକ୍ତ ସନ୍ତୋଷକୁ ପୁଲିସ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି । ତାନ୍ତ୍ରୀକ କବଳରୁ ଉଦ୍ଧାର ହୋଇଥିବା ଆହତ ନାଁବାଳିକାମାନଙ୍କୁ ଚିକିତ୍ସା କରାଯାଉଛି। ସୁସ୍ଥହେବାପରେ ସେମାନ ବୟାନ ରେକର୍ଡ଼ କରାଯିବଙ୍କ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ପୁଲିସ ସୁଚନା ଦେଇଛି। ସର୍ବଶେଷ ପ୍ରକାଶିତ ଖବରରୁ ପ୍ରକାଶ ଅଭିଯୋଗ ତନ୍ତ୍ର ସାଧକଙ୍କ'ର ପରିବାରକୁ ଆକ୍ରମଣ କରାଯାଇଥିବା ପୋଲିସ ସୁତ୍ରରୁ ପ୍ରକଶ।

ଧାନ ସଂଗ୍ରହ କମିଟିରେ ମହିଳାଙ୍କୁ ସ୍ଥାନ ନାହିଁ

ନିମାପଡ଼ା, ୧୪/୧୧ (ଜେଏନ୍‌ଏସ୍) : ଚାଷୀ କହିଲେ କେବଳ ସରକାର ବୁଝୁଛନ୍ତି ପୁରୁଷ। ସଂଖ୍ୟାଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଧାନଚାଷ କରୁଛନ୍ତି ଏବଂ ମଣ୍ଡି ଖୋଲି ଧାନ କ୍ରୟ କରୁଛନ୍ତି। ନିମାପଡ଼ାରେ ମହିଳା ଚାଷୀଙ୍କ ସଂଖ୍ୟା ବହୁପରିମାଣରେ ବଢିଛି। ନିମାପଡ଼ା ବ୍ଲକରେ ଥିବା ୩୨ଟି ସମବାୟ ସମିତି ମଧ୍ୟରୁ କେତେକ ସମବାୟ ସମିତି ଧାନ କ୍ରୟପାଇଁ ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଧାନ କ୍ରୟ କମିଟି ବୈଠକକୁ ମହିଳାଚାଷୀଙ୍କୁ ଡ଼କାଯାଉ ନାହିଁକି କହିବା ପାଇଁ ସୁଯୋଗ ଦିଆଯାଉ ନାହିଁ। ନିମାପଡ଼ା ବ୍ଲକ ୩ଟି ମହିଳା ଗୋଷ୍ଠୀଙ୍କୁ ଧାନ କ୍ରୟପାଇଁ ଚୟନ କରାଯାଇଥିଲା। ସେଥିମଧ୍ୟରୁ ବହାରଣା ପଞ୍ଚାୟତରେ ଏସ.ଏସ.ଜି ଗୋଷ୍ଠୀ ରେକର୍ଡ଼ ସଂଖ୍ୟକ ଧାନ କ୍ରୟ କରୁଥିଲେ କିନ୍ତୁ ସେହି ମହିଳା ଗୋଷ୍ଠୀକୁ ବାଦ ଦିଆଯାଇଥିବା ପ୍ରକାଶ। ମହିଳା ଚାଷୀମାନେଙ୍କ ପାଇଁ ମଣ୍ଡିରେ ସ୍ୱତନ୍ତ୍ର ଶୌଚାଳୟ ଓ ବିଶ୍ରାମଗୃହ ନାହିଁ। ମହିଳା ଚାଷୀମାନଙ୍କୁ ମଣ୍ଡି ଗୁଡ଼ିକରେ ସର୍ବନିମ୍ନ ସାଧାରଣ ସୁବିଧା ନଥିବାରୁ ମହିଳା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ଏବଂ ବାଧ ହୋଇ ପୁରୁଷମାନଙ୍କୁ ମଣ୍ଡିକୁ ପଠାଉଥିବା ଲକ୍ଷ୍ୟ କରାଯାଉଛି।

ବ୍ଲକସ୍ତରୀୟ ଶିଶୁମହୋତ୍ସବ ସୁରଭି - ୨୦୨୬ ଅନୁଷ୍ଠିତ



ବ୍ରହ୍ମପୁର, ୧୪/୧୧ (ଜେଏନ୍‌ଏସ୍) : ପି.ଏମ. ଶ୍ରୀ ସରକାରୀ ବାଲାଜୀ ବିଦ୍ୟାପୀଠ, କନିଷି ଠାରେ ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ଶିଶୁମହୋତ୍ସବ ''ସୁରଭି-୨୦୨୬-୨୭'' ଶିକ୍ଷା ବର୍ଷ ପାଇଁ ଅନୁଷ୍ଠିତ ହୋଇଯାଇଛି। ଇତି ଅବସରରେ ମୁଖ୍ୟଅତିଥି ଡ. ଶଙ୍କର ନାରାୟଣ ବେଜ ଯୋଗଦେଇଥିବା ବେଳେ କେ. କୃଷ୍ଣାମୂର୍ତ୍ତି, ଅବସରପ୍ରାପ୍ତ ସ୍କୁଲ ଏସ୍. ଆଇ. ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଖଣି ଇସ୍ପାତ ତଥା ପରିବହନ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ବ୍ରଜମୋହନ ନାୟକ, ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ ଓ କୃଷି ପ୍ରତିନିଧି ରଜତ ପଣ୍ଡିତ ପ୍ରମୁଖ ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରଧାନଶିକ୍ଷକ (ଶହୀଦ୍ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ) ରାମ ପ୍ରସାଦ ପଣ୍ଡା, ଗୋପାଳପୁର କଲେଜ ସ୍ୱତନ୍ତ୍ର ଅତିଥି ରୁପେ ଯୋଗ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମ ଏବଂ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରରୁ ଚୟନ କରାଯାଇଥିବା ୧୩ଟି ପ୍ରତିଯୋଗୀତାରେ ୬୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ, ବରିଷ୍ଠ, ସର୍ବୋଚ୍ଚ ବରିଷ୍ଠ ବର୍ଗରେ ପ୍ରତିଯୋଗୀମାନେ ନିଜର ସର୍ବୋଚ୍ଚ ପ୍ରଦର୍ଶନ ଓ ଉପସ୍ଥାପନ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ପର୍ଯ୍ୟାନୁକ୍ରମେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡ଼ିଶା'ବାର୍ତ୍ତାକୁ ନେଇ ଆୟୋଜିତ ହୋଇଥିବା ଓ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜିଲ୍ଲା ସ୍ତରକୁ ମନୋନୀତ ହେଲେ। କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ସମସ୍ତ ସି ଆର ସିସି କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ପୂର୍ବକ ଏବିଇଓ ମଳୟ କୁମାର ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଦଖଲ କରିଥିବା କୃତି ଛାତ୍ରଛାତ୍ରୀମାନେ ଆସନ୍ତା ୧୦ ନଭେମ୍ବର ୨୦୨୬ ରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭି ମହୋତ୍ସବରେ ଭାଗନେବେ। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏବିଇଓ ସହ ବିଆରସିସି କୁସୁମ କୁମାରୀ ପାଢ଼ୀ, ଏବିଇଓ ସୁକାନ୍ତ କୁମାର ଜେନା ପ୍ରତ୍ୟେକ କାର୍ଯ୍ୟକ୍ରମରେ ତତ୍ତ୍ୱାବଧାନ କରିଥିଲେ। ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଦେବୀ ସ୍ନେହଲତା ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ଦୁର୍ନୀତି ଗ୍ରସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମାନି କାର୍ଯ୍ୟ

ନିର୍ଯାତିତ ହେଉଛନ୍ତି କୋମଳମତି ଛାତ୍ରଛାତ୍ରୀ

ନୀଳଗିରି/ବାଲେଶ୍ୱର, ୧୪/୧୧ (ଜେଏନ୍‌ଏସ୍) : ବାଲେଶ୍ୱର ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗତ ୪ରିଖ ବାଲେଶ୍ୱର ସ୍ଥିତ ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଯେଭଳି ନିର୍ଯାତିତ ହେଲେ ତାହା ଅବର୍ଣ୍ଣନୀୟ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହେଉଥିବା ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକରେ ଯେଉଁ ପାତର ଅନ୍ତର ଓ ପ୍ରିୟା ପ୍ରତି ତୋଷଣ ନୀତି ହୋଇଛି ତାହା ଅତ୍ୟନ୍ତ ଦୁଃଖଦାୟକ, ଏହି ସାଧାରଣ କୋମଳମତି ପ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ବିବାଦ ଘେରରେ ଏନ୍‌ଭିଡିଆ ସିଇଓ ଜେନସେନ୍ ହୁଆଙ୍ଗଙ୍କ ଇସ୍ତଫା



ୱାଶିଂଟନ/ସାନ୍ତା କ୍ଲାରା, ୧୪/୧୧ : ବିଶ୍ୱର ପ୍ରମୁଖ ଚିପ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନିର୍ମାତା କମ୍ପାନୀ ଏନଭିଡିଆରେ ଏକ ବଡ଼ ଧରଣର ନେତୃତ୍ୱ ପରିବର୍ତ୍ତନ ଘଟିଛି। କମ୍ପାନୀର ସହ-ପ୍ରତିଷ୍ଠାତା ତଥା ଦୀର୍ଘ ୩୩ ବର୍ଷ ଧରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଆସିଥିବା ଜେନସେନ୍ ହୁଆଙ୍ଗ୍ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। କେବଳ ସିଇଓ ନୁହେଁ, ସେ କମ୍ପାନୀର ସଭାପତି ଏବଂ ନିର୍ଦ୍ଦେଶକ ମଣ୍ଡଳୀ ପଦରୁ ମଧ୍ୟ ତତ୍କାଳ ପ୍ରଭାବରୁ ଓହରି ଯାଇଛନ୍ତି। ତାଙ୍କର ଇସ୍ତଫା ପରେ କମ୍ପାନୀର ମୁଖ୍ୟ ଅର୍ଥ ଅଧିକାରୀ କୋଲେଟ୍ କ୍ରେସ୍‌ଙ୍କୁ ଅନ୍ତରୀଣ ସିଇଓ ଭାବେ ନିଯୁକ୍ତ କରାଯାଇଛି।

- ୩୩ ବର୍ଷର ନେତୃତ୍ୱର ଅନ୍ତ
- ପରକୀୟା ପ୍ରୀତି ଓ ଚୀନ୍ ଗୁପ୍ତଚର ସମ୍ପର୍କ ଅଭିଯୋଗ ପରେ ପଦ ଛାଡ଼ିଲେ ସହ-ପ୍ରତିଷ୍ଠାତା
- ସିଏଫଓ କୋଲେଟ୍ କ୍ରେସ୍ ଅନ୍ତରୀଣ ସିଇଓ ନିଯୁକ୍ତ, ଖସିଲା କମ୍ପାନୀର ସେୟାର ମୂଲ୍ୟ

ବିଶ୍ୱ ଟେକ୍ନୋଲୋଜି ଜଗତରେ 'ଏଆଇ ବିପ୍ଳବ'ର ପୁରୋଧା କୁହାଯାଉଥିବା ୬୩ ବର୍ଷୀୟ ଜେନସେନ୍ ହୁଆଙ୍ଗଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସାଂଘାତିକ ତଥ୍ୟ ପଦାକୁ ଆସିବା ପରେ ତାଙ୍କ ଉପରେ ଇସ୍ତଫା ଦେବା ପାଇଁ ଚାପ ବଢ଼ିଥିଲା। ଗତ ରବିବାର ହୁଆଙ୍ଗ୍ ନିଜ ପତ୍ନୀଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ସ୍ୱୀକାର କରି କ୍ଷମା ମାଗିଥିଲେ। ସିଙ୍ଗାପୁର ସ୍ଥିତ ଡାଟା କମ୍ପାନୀ 'ମେଗାସ୍ୱିଡ୍'ର ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲିସ୍ ହୁଆଙ୍ଗଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଥିବା ଜଣାପଡ଼ିଥିଲା, ଯାହାଙ୍କୁ ଆମେରିକୀୟ ଗୁଇନ୍ଦା ସଂସ୍ଥା ଚୀନ୍‌ର ଜଣେ ଗୁପ୍ତଚର ବୋଲି ସନ୍ଦେହ କରୁଛି। ଏହା ବ୍ୟତୀତ ଏନଭିଡିଆର ହେଲଥକେୟାର ବିଭାଗର ଉପସଭାପତି କିମ୍ବର୍ଲି ପାୱେଲ୍ ଏବଂ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କ ସହ ମଧ୍ୟ ତାଙ୍କର ସମ୍ପର୍କ ଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଜାତୀୟ ସୁରକ୍ଷା ଏବଂ କମ୍ପାନୀର ଗୋପନୀୟ ତଥ୍ୟ ଲିକ୍ ହେବା ଆଶଙ୍କାରେ ବୋର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ ଆରମ୍ଭ କରାଯାଇଥିଲା।

ହୁଆଙ୍ଗଙ୍କ ଅଚାନକ ବିଦାୟ ପରେ ଏନଭିଡିଆର ବୋର୍ଡ ପକ୍ଷରୁ ହାର୍ଭେ ସି. ଜୋନ୍ସଙ୍କୁ ପ୍ରଥମ ଥର ପାଇଁ ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଜଣେ ସ୍ଥାୟୀ ସିଇଓ ଖୋଜିବା ପାଇଁ କମ୍ପାନୀ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏଥିପାଇଁ ଉଭୟ କମ୍ପାନୀ ଭିତରର ଓ ବାହାରର ପ୍ରାର୍ଥୀଙ୍କ ନାମ ବିଚାର କରାଯାଉଛି। ଅନ୍ୟପଟେ, ଅନ୍ତରୀଣ ସିଇଓ କୋଲେଟ୍ କ୍ରେସ୍ କର୍ମଚାରୀ ଓ ଗ୍ରାହକମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ କମ୍ପାନୀର କାର୍ଯ୍ୟଧାରା ଏବଂ ଉତ୍ପାଦନ ଯୋଜନା ବିନା କୌଣସି ବାଧାରେ ଜାରି ରହିବ। ତେବେ ଏହି ଘଟଣା ପରେ ସେୟାର ବଜାରରେ ଏନଭିଡିଆର ଅଂଶଧନ ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏହା ସହ ଆମେରିକୀୟ କଂଗ୍ରେସ ସମ୍ମୁଖରେ ହାଜର ହୋଇ ସାକ୍ଷ୍ୟ ଦେବାକୁ ମଧ୍ୟ ଜେନସେନ୍ ହୁଆଙ୍ଗ୍ ରାଜି ହୋଇଛନ୍ତି।

◆ କୋପ୍ ୩୧ ଜଳବାୟୁ ସମ୍ମିଳନୀ

ବିଶ୍ୱ ଅର୍ଥନୀତି ସୁରକ୍ଷା ପାଇଁ କାର୍ଯ୍ୟଖସଡ଼ା ଉନ୍ମୋଚନ

- ମିଥେନ୍ ଗ୍ୟାସ୍ ହ୍ରାସ ପାଇଁ ୪୮୦ ମିଲିୟନ ଡଲାରରୁ ଅଧିକ ଆର୍ଥିକ ସହାୟତା ପ୍ରତିଶ୍ରୁତି
- ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପାଣ୍ଠି ଯୋଗାଣ
- ଜୀବାଶ୍ମ ଇନ୍ଧନ ହ୍ରାସ ନେଇ ଜାରି ରହିଛି ମାନସମ୍ମଚ୍ଛନ



ଆଣ୍ଟାଲିଆ (ତୁର୍କୀ), ୧୪/୧୧ : ତୁର୍କୀର ଆଣ୍ଟାଲିଆଠାରେ ଚାଲିଥିବା ୩୧ତମ ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ବିଶ୍ୱ ଅର୍ଥନୀତି ଏବଂ ସାଧାରଣ ଲୋକଙ୍କୁ ଜଳବାୟୁ ବିପର୍ଯ୍ୟୟରୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଏବଂ ବିଶ୍ୱର ପ୍ରମୁଖ ବୀମା କମ୍ପାନୀମାନଙ୍କ ମିଳିତ ସହଯୋଗରେ ଏକ ଐତିହାସିକ କାର୍ଯ୍ୟଖସଡ଼ା ଉନ୍ମୋଚନ କରାଯାଇଛି। ନଭେମ୍ବର ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ମିଳନୀର 'ଗ୍ଲୋବାଲ୍ ସଷ୍ଟେନେବଲ୍ ଇନସ୍ୟୁରାନ୍ସ ସମିଟ୍' ଅବସରରେ ପ୍ରକାଶିତ ଶ୍ୱେତପତ୍ର ଅନୁଯାୟୀ, ବର୍ତ୍ତମାନ ବଢୁଥିବା ବନ୍ୟା, ବାତ୍ୟା, ବନାଗ୍ନି ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଶ୍ୱରେ ବୀମା ସୁରକ୍ଷାର ଅଭାବ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ଏହାର ସିଧାସଳଖ ଆର୍ଥିକ ବୋଝ ଟିକସଦାତା, ସାଧାରଣ ପରିବାର ଏବଂ ସରକାରଙ୍କ ଉପରେ ପଡୁଛି। ବିପର୍ଯ୍ୟୟ ଘଟିବା ପୂର୍ବରୁ ବିପଦ ହ୍ରାସ କରିବା ଏବଂ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ବୀମା କମ୍ପାନୀ, ଜାତିସଂଘ ପକ୍ଷରୁ ଏକ ନୂତନ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି।

ସମ୍ମିଳନୀରେ ଅଣ-ଅଙ୍ଗାରକାମ୍ଳ ସବୁଜଗୃହ ବାଷ୍ପ ବିଶେଷ କରି ମିଥେନ୍ ଗ୍ୟାସ୍ ନିର୍ଗମନ କମାଇବା ପାଇଁ ବିଶ୍ୱ ନେତାମାନେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆର୍ଥିକ ସଂସ୍ଥା ଏବଂ ନୀତି ନିର୍ଦ୍ଧାରକମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଏହି କାର୍ଯ୍ୟଖସଡ଼ାରେ କୁହାଯାଇଛି। ଏହାଛଡ଼ା, ୨୦୩୦ ସୁଦ୍ଧା ୭.୫ କୋଟି ଲୋକଙ୍କୁ ଜଳବାୟୁ ଜନିତ ବିପଦରୁ ରକ୍ଷା କରିବା ପାଇଁ ୩ ବିଲିୟନ ଡଲାରରୁ ଅଧିକ ପାଣ୍ଠି ଯୋଗାଡ଼ କରିବାକୁ ମିଳିତ ଭାବେ ଆହ୍ୱାନ ଦିଆଯାଇଛି। ଏଥିସହ ବିଭିନ୍ନ କମ୍ପାନୀ, ସହର ଏବଂ ଆର୍ଥିକ ସଂସ୍ଥାଗୁଡ଼ିକର 'ନେଟ୍-ଜିରୋ' ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ମାପିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ 'ନେଟ୍-ଜିରୋ ରେକନ୍ସିଲିସନ୍ ଫ୍ରେମୱାର୍କ' ଆରମ୍ଭ କରାଯାଇଛି। ଚଳିତ ବର୍ଷ ତୁର୍କୀ ବିଭିନ୍ନ ଦାତବ୍ୟ ସଂସ୍ଥା ପକ୍ଷରୁ ୪୮୦ ମିଲିୟନ ଡଲାରରୁ ଅଧିକ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଏଥିସହ ବିଭିନ୍ନ କମ୍ପାନୀ, ସହର ଏବଂ ଆର୍ଥିକ ସଂସ୍ଥାଗୁଡ଼ିକର 'ନେଟ୍-ଜିରୋ' ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ମାପିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ 'ନେଟ୍-ଜିରୋ ରେକନ୍ସିଲିସନ୍ ଫ୍ରେମୱାର୍କ' ଆରମ୍ଭ କରାଯାଇଛି। ଚଳିତ ବର୍ଷ ତୁର୍କୀ ଏହି ସମ୍ମିଳନୀର ଆୟୋଜନ କରୁଥିବା ବେଳେ ଅଷ୍ଟ୍ରେଲିଆ ଆଲୋଚନାର ନେତୃତ୍ୱ ନେଉଛି। ତେବେ ବିକାଶଶୀଳ ଏବଂ କ୍ଷୁଦ୍ର ଦ୍ୱୀପରାଷ୍ଟ୍ରଗୁଡ଼ିକୁ ଜଳବାୟୁ ପାଣ୍ଠି ଯୋଗାଣ ଏବଂ ଜୀବାଶ୍ମ ଇନ୍ଧନର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପ୍ରସଙ୍ଗରେ ବିକଶିତ ଓ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ମଧ୍ୟରେ ଏବେ ବି ମତଭେଦ ଲାଗି ରହିଛି। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ କେବଳ ପ୍ରତିଶ୍ରୁତି ନୁହେଁ, ବରଂ ବାସ୍ତବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଳିତ ଜାତିସଂଘ ମହାସଚିବ ବିଶ୍ୱ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ଝିଅଙ୍କୁ ହତ୍ୟା ଧମକ



- ବିଷ୍ଣୋଇ ଗ୍ୟାଙ୍ଗ ନାଁରେ ୭ କୋଟି ଟଙ୍କା ଦାବି
- ଆପ୍ ବିଧାୟକ ଜର୍ଣ୍ଣେଲ ସିଂହଙ୍କ ଫୋନ୍‌କୁ ଆସିଲା ଧମକପୂର୍ଣ୍ଣ କଲ୍ ଓ ହ୍ୱାଟ୍ସଆପ୍ ମେସେଜ୍
- ମୋହାଲି ପୋଲିସରେ ଏତଲା ରୁଜୁ, ସାଇବର କ୍ରାଇମ୍ ଟିମ୍ ଆରମ୍ଭ କଲା ତଦନ୍ତ

ନୂଆଦିଲ୍ଲୀ / ମୋହାଲି, ୧୪/୧୧ : ଆମ୍ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ତାଙ୍କ ଝିଅ ହର୍ଷିତା କେଜ୍ରିୱାଲଙ୍କୁ ହତ୍ୟା ଧମକ ମିଳିଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ପରିଚୟ ଦେଇ ଜଣେ ଅଜଣା ବ୍ୟକ୍ତି ୭ କୋଟି ଟଙ୍କା ଦାବି କରିବା ସହ ଟଙ୍କା ନ ଦେଲେ ଉଭୟ ବାପା ଓ ଝିଅଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀ ତିଲକ ନଗରର ଆପ୍ ବିଧାୟକ ଜର୍ଣ୍ଣେଲ ସିଂହଙ୍କ ମୋବାଇଲ୍ ଫୋନ୍‌କୁ ଗତ ନଭେମ୍ବର ୬ ତାରିଖରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି କହିଥିଲା। ସେ ବିଧାୟକଙ୍କୁ କହିଥିଲା ଯେ, "ଅରବିନ୍ଦ କେଜ୍ରିୱାଲଙ୍କୁ ଜଣାଇ ଦିଅ ଯେ ସେ ୭ କୋଟି ଟଙ୍କା ଦେବେ, ନଚେତ୍ ମୁଁ ତାଙ୍କୁ ଏବଂ ତାଙ୍କ ଝିଅ ହର୍ଷିତା କେଜ୍ରିୱାଲଙ୍କୁ ହତ୍ୟା କରିବି।"

ଏହି ଘଟଣା ପରେ ବିଧାୟକ ଜର୍ଣ୍ଣେଲ ସିଂହ ତୁରନ୍ତ ପଞ୍ଜାବର ମୋହାଲି (ଏସ୍‌ଏସ୍‌ଏସ୍ ନଗର) ଏସ୍‌ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେ ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ମେସେଜ୍‌ର ସ୍କ୍ରିନସଟ୍ ଏବଂ ଫୋନ୍ ନମ୍ବରର ବିବରଣୀ ପୋଲିସକୁ ପ୍ରଦାନ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମୋହାଲି ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ଆଇଟି ଆକ୍ଟ ର ବିଭିନ୍ନ ଦଫା ଅଧୀନରେ ମାମଲା ରୁଜୁ କରିଛି। ବର୍ତ୍ତମାନ ଏହି ମାମଲାର ତଦନ୍ତ ସାଇବର କ୍ରାଇମ୍ ଥାନାର ଇନ୍ସପେକ୍ଟର ସୁନୀଲ କୁମାରଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସମ୍ପୃକ୍ତ ମୋବାଇଲ୍ ନମ୍ବରର କଲ୍ ରେକର୍ଡ , ଆଇପି ଲଗ୍ ଏବଂ ଲୋକେସନ୍ ଟ୍ରାକ୍ କରି ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଏହାସହ କେଜ୍ରିୱାଲ ଓ ତାଙ୍କ ପରିବାରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ଆପ୍ ପକ୍ଷରୁ ଦାବି କରାଯାଇଛି।

ଇସଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ୍' ଉପରେ ପ୍ରତିବନ୍ଧକ ଆଉ ୫ ବର୍ଷ ବୃଦ୍ଧି



ନୂଆଦିଲ୍ଲୀ ୧୪/୧୧ : ବିବାଦୀୟ ଇସଲାମିକ୍ ଧର୍ମପ୍ରଚାରକ ଡକ୍ଟର ଜାକିର ନାଏକଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସ୍ଥା 'ଇସଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ୍' ଉପରେ ଲାଗିଥିବା ପ୍ରତିବନ୍ଧକକୁ କେନ୍ଦ୍ର ସରକାର ଆଉ ୫ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଶୁକ୍ରବାର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ବା ୟୁଏପିଏ , ୧୯୬୭ ର ଧାରା ୩(୧) ଓ ୩(୩) ଅଧୀନରେ ଏହି ସଂଗଠନକୁ ପୁନର୍ବାର ଏକ 'ବେଆଇନ ସଂଗଠନ' ଭାବେ ଘୋଷଣା କରାଯାଇଛି। ପୂର୍ବରୁ ଲାଗୁ ହୋଇଥିବା ୫ ବର୍ଷିଆ ପ୍ରତିବନ୍ଧକ ଆସନ୍ତା ନଭେମ୍ବର ୧୪ ତାରିଖରେ ଶେଷ ହେବାକୁ ଥିବା ବେଳେ ସରକାର ତୁରନ୍ତ ପ୍ରଭାବରୁ ଏହି କଟକଣାକୁ ଆଗାମୀ ପାଞ୍ଚ ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଆଇଆରଏଫ୍ ଏବଂ ଏହାର ସଦସ୍ୟମାନେ—ବିଶେଷ କରି ଏହାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜାକିର ଅବଦୁଲ କରିମ୍ ନାଏକ—ଧର୍ମ ଆଧାରରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା, ଘୃଣା ଏବଂ ଅସଦ୍ଭାବ ସୃଷ୍ଟି କରିବାକୁ ଉତ୍ସାହିତ କରୁଛନ୍ତି। ଜାକିର ନାଏକଙ୍କ ଭାଷଣ ଏବଂ ବିବୃତ୍ତିଗୁଡ଼ିକ ଅତ୍ୟନ୍ତ ଆପତ୍ତିଜନକ ଓ ବିଘଟନକାରୀ। ସେ ଆନ୍ତର୍ଜାତୀୟ ସାଟେଲାଇଟ୍ ଟିଭି ନେଟୱର୍କ, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଉତ୍ତେଜନାମୂଳକ ଭାଷଣ ଦେଇ ଭାରତ ତଥା ବିଦେଶର ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଉଥିବା ମନ୍ତ୍ରଣାଳୟ ଦର୍ଶାଇଛି।

- ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସୁରକ୍ଷା ପ୍ରତି ବିପଦ
- ବେଆଇନ ସଂଗଠନ ଘୋଷଣା କଲେ କେନ୍ଦ୍ର ସରକାର
- ୟୁଏପିଏ ଆଇନ ଅଧୀନରେ ୨୦୧୬ରୁ ଲାଗିଥିବା କଟକଣାକୁ ତୃତୀୟ ଥର ପାଇଁ ବଢ଼ାଗଲା

ସରକାର ସ୍ପଷ୍ଟ କରିଛନ୍ତି ଯେ ଯଦି ଆଇଆରଏଫ୍‌ର ବେଆଇନ କାର୍ଯ୍ୟକଳାପ ଉପରେ ତୁରନ୍ତ ଅଙ୍କୁଶ ଲଗା ନ ଯାଏ, ତେବେ ଏହି ସଂଗଠନ ଫେରାର ଥିବା ଏହାର କର୍ମୀମାନଙ୍କୁ ପୁନର୍ବାର ସଂଗଠିତ କରି ଦେଶର ଧର୍ମନିରପେକ୍ଷ ଢାଞ୍ଚାକୁ ନଷ୍ଟ କରିପାରେ। ଏହା ସହିତ ଦେଶ ବିରୋଧୀ ଭାବନା ପ୍ରଚାର କରିବା ଏବଂ ଉଗ୍ରବାଦକୁ ସମର୍ଥନ ଦେଇ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବାର ଆଶଙ୍କା ରହିଛି, ଯାହା ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଏବଂ ସୁରକ୍ଷା ପ୍ରତି ସିଧାସଳଖ ବିପଦ ସୃଷ୍ଟି କରିବ। ସୂଚନାଯୋଗ୍ୟ ଯେ ୧୯୯୧ ମସିହାରେ ମୁମ୍ବାଇରେ ପ୍ରତିଷ୍ଠିତ ଏହି ସଂସ୍ଥା ଉପରେ କେନ୍ଦ୍ର ସରକାର ପ୍ରଥମେ ୧୭ ନଭେମ୍ବର ୨୦୧୬ ରେ ପାଞ୍ଚ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଇଥିଲେ। ପରେ ୧୫ ନଭେମ୍ବର ୨୦୨୧ ରେ ଏହାର ଅବଧି ଆଉ ପାଞ୍ଚ ବର୍ଷ ବୃଦ୍ଧି କରାଯାଇଥିଲା। ୨୦୧୬ ମସିହାରେ ବାଂଲାଦେଶର ଢାକା ସ୍ଥିତ ଏକ କାଫେରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଜାକିର ନାଏକ ଭାରତ ଛାଡ଼ି ମାଲେସିଆ ପଳାଇ ଯାଇଥିଲେ ଏବଂ ବର୍ତ୍ତମାନ ଜାତୀୟ ତଦନ୍ତକାରୀ ସଂସ୍ଥା ତାଙ୍କ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପର ତଦନ୍ତ ଜାରି ରଖିଛି।

୨୦୩୧ ପର୍ଯ୍ୟନ୍ତ ମିଳିବ ଋଣ ସହାୟତା

- ୪,୧୧୧ କୋଟି ଟଙ୍କାର କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠିକୁ ଅନୁମୋଦନ
- ଉପକୃତ ହେବେ ଅତିରିକ୍ତ ୨.୫ ଲକ୍ଷ ଉଦ୍ୟୋଗୀ



ନୂଆଦିଲ୍ଲୀ,୧୪/୧୧ : ଦେଶର ମହିଳା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ 'ଷ୍ଟାଣ୍ଡ-ଅପ୍ ଇଣ୍ଡିଆ' ଯୋଜନାକୁ ଆଉ ୫ ବର୍ଷ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅନୁମୋଦନ ମିଳିଛି। ଏହା ସହିତ ଏହି ଯୋଜନା ଅଧୀନରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ୪,୧୧୧ କୋଟି ଟଙ୍କାର ଏକ କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠିକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି।

କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ଯୋଜନା ମାଧ୍ୟମରେ ଅତିରିକ୍ତ ୨.୫ ଲକ୍ଷ ନୂଆ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୧୬ ଏପ୍ରିଲ ମାସରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ଦେଶର ୨.୭୫ ଲକ୍ଷରୁ ଅଧିକ ମହିଳା, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉଦ୍ୟୋଗୀମାନଙ୍କୁ ଋଣ ସହାୟତା ପ୍ରଦାନ କରାଯାଇସାରିଛି। ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ମିଳିପାରିବ। ଏହି ଋଣ ପ୍ରକଳ୍ପ ଖର୍ଚ୍ଚର ସର୍ବାଧିକ ୮୫ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରିବ। ଉତ୍ପାଦନ , ସେବା , ବାଣିଜ୍ୟ ଏବଂ କୃଷି ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ ଏହି ଋଣ ଉପଲବ୍ଧ ହେବ। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ମୋଟ ଋଣ ରାଶିର ୮୫ ପ୍ରତିଶତ ପର୍ଯ୍ୟନ୍ତ କ୍ରେଡିଟ୍ ଗ୍ୟାରେଣ୍ଟି କଭରେଜ୍ ପ୍ରଦାନ କରାଯିବ, ଯେଉଁଥିପାଇଁ ମାତ୍ର ୦.୫୦ ପ୍ରତିଶତ ଗ୍ୟାରେଣ୍ଟି ଫି' ଲାଗୁ ହେବ। କେନ୍ଦ୍ର କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ଫଳରେ ସମାଜର ଅବହେଳିତ ବର୍ଗ ଏବଂ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବୃଦ୍ଧି ପାଇବା ସହ ଦେଶରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଆଶା କରାଯାଉଛି।

କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ପଡ଼ିଲା ମହଙ୍ଗା

"ସତ୍ୟ ଓ ଧର୍ମର ପଥେ ଚାଲିବାକୁ ଦିଅନ୍ତି ଯେ ଶିକ୍ଷା,
ମହାପୁରୁଷଙ୍କ ମହତ ବାଣୀ ସେ ଜୀବନର ଦୀକ୍ଷା ।
ଅଜ୍ଞାନ ଅନ୍ଧାର ଦୂର କରି ଯେଉଁ ଆଲୋକ ଦେଖାନ୍ତି,
ତାଙ୍କରି ଆଦର୍ଶେ ଚାଲିଲେ ମଣିଷ ମହାନ ହୁଅନ୍ତି ।"

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ମାଟ୍ରିକ ପରୀକ୍ଷା ପ୍ରସ୍ତୁତି

ଛାତ୍ରଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ସୋପାନ ହେଉଛି ମାଟ୍ରିକ ବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା । ଏହା କେବଳ ଏକ ପରୀକ୍ଷା ନୁହେଁ, ବରଂ ଜଣେ ଛାତ୍ରର ଭବିଷ୍ୟତ ଗଠନର ପ୍ରଥମ ପାହାଚ । ଏହି ପରୀକ୍ଷାର ଫଳାଫଳ ଉପରେ ପରବର୍ତ୍ତୀ ଉଚ୍ଚଶିକ୍ଷା ଏବଂ ବୃତ୍ତିଗତ ଜୀବନର ଦିଶା ଅନେକାଂଶରେ ନିର୍ଭର କରିଥାଏ । ତେବେ ପରୀକ୍ଷା ଯେତିକି ପାଖେଇ ଆସେ, ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମନରେ ସେତିକି ଉତ୍କଣ୍ଠା ଓ ଚାପ ବଢ଼ିବାକୁ ଲାଗେ । କିନ୍ତୁ ମନେରଖିବା ଉଚିତ ଯେ ଭୟ ବା ମାନସିକ ଚାପ କୌଣସି ସମସ୍ୟାର ସମାଧାନ ନୁହେଁ, ବରଂ ସଠିକ୍ ସମୟ ପରିଚାଳନା, ନିୟମିତ ଅଭ୍ୟାସ ଏବଂ ଦୃଢ଼ ଆତ୍ମବିଶ୍ୱାସ ହିଁ ଜଣେ ପରୀକ୍ଷାର୍ଥୀକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିବ ।

ପରୀକ୍ଷା ପ୍ରସ୍ତୁତିର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୋପାନ ହେଉଛି ସମୟର ସଦୁପଯୋଗ । ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଦୈନନ୍ଦିନ କାର୍ଯ୍ୟସୂଚୀକୁ ଏପରି ଭାବେ ପ୍ରସ୍ତୁତ କରିବା ଉଚିତ ଯେପରି ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ମିଳିପାରିବ । ଯେଉଁ ବିଷୟଗୁଡ଼ିକ କଠିନ ଲାଗୁଛି, ସେଥିପାଇଁ ଅଧିକ ସମୟ ଦେବା ଆବଶ୍ୟକ । ସକାଳ ସମୟ ପାଠପଢ଼ା ପାଇଁ ସର୍ବୋତ୍ତମ ହୋଇଥିବାରୁ ଏହି ସମୟରେ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ବିଷୟଗୁଡ଼ିକୁ ଅଭ୍ୟାସ କରିବା ଭଲ । ପାଠପଢ଼ା ମଝିରେ ଛୋଟ ଛୋଟ ବିରତି ନେବା ଦ୍ୱାରା ମସ୍ତିଷ୍କ ସତେଜ ରହେ ଏବଂ ପଢ଼ିଥିବା ବିଷୟଗୁଡ଼ିକ ସହଜରେ ମନେରହେ । କେବଳ ଘୋଷି ମନେରଖିବା ଅପେକ୍ଷା ବିଷୟବସ୍ତୁକୁ ବୁଝି ପଢ଼ିବା ଅଧିକ ଫଳପ୍ରଦ ହୋଇଥାଏ । ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟପୁସ୍ତକକୁ ଭଲ ଭାବରେ ଅଧ୍ୟୟନ କରିବା ଜରୁରୀ । ପ୍ରତ୍ୟେକ ଅଧ୍ୟାୟ ପଢ଼ିସାରିବା ପରେ ସେଥିରୁ ମୁଖ୍ୟ ବିନ୍ଦୁ, ସୂତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକୁ ନିଜ ଭାଷାରେ ଏକ ଖାତାରେ ଟିପି ରଖିବା ଉଚିତ । ଏହି ସଂକ୍ଷିପ୍ତ ନୋଟ୍ ପରୀକ୍ଷାର ଠିକ୍ ପୂର୍ବରୁ ପୁନରାବୃତ୍ତି କରିବାରେ ଖୁବ୍ ସହାୟକ ହୋଇଥାଏ ।

ପରୀକ୍ଷାର ଢାଞ୍ଚା ଏବଂ ପ୍ରଶ୍ନର ପ୍ରକୃତି ଜାଣିବା ପାଇଁ ବିଗତ ୫ରୁ ୧୦ ବର୍ଷର ପ୍ରଶ୍ନପତ୍ର ସମାଧାନ କରିବା ଅତ୍ୟନ୍ତ ଜରୁରୀ । ଏହାଦ୍ୱାରା କେଉଁ ଅଧ୍ୟାୟରୁ କିପରି ପ୍ରଶ୍ନ ଆସୁଛି, ତାହାର ଏକ ସ୍ପଷ୍ଟ ଧାରଣା ମିଳିଥାଏ । ଏହା ସହିତ ଘରେ ବସି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମକ୍ ଟେଷ୍ଟ ବା ନମୁନା ପରୀକ୍ଷା ଦେବା ଅଭ୍ୟାସ କରିବା ଉଚିତ । ଏହା ଦ୍ୱାରା ଲେଖିବାର ଗତି ବଢ଼ିବା ସହ ପରୀକ୍ଷା ହଲରେ ସମୟ ଅଭାବ ଭଳି ସମସ୍ୟା ଦେଖାଯାଏ ନାହିଁ । ଲେଖିବା ସମୟରେ ହସ୍ତାକ୍ଷର ସୁନ୍ଦର ଓ ପରିଷ୍କାର ରଖିବା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ।

ପରୀକ୍ଷା ପ୍ରସ୍ତୁତି ସମୟରେ ଅନେକ ପିଲା ରାତି ଅନିଦ୍ରା ହୋଇ ପଢ଼ନ୍ତି ଏବଂ ଖାଇବା ପିଇବାରେ ଅନିୟମିତତା କରନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ବାସ କରେ । ତେଣୁ ଦୈନିକ ଅତିକମରେ ୭ରୁ ୮ ଘଣ୍ଟା ନିଦ୍ରା, ପୁଷ୍ଟିକର ଖାଦ୍ୟ ଏବଂ ପ୍ରଚୁର ପାଣି ପିଇବା ଜରୁରୀ । ଏହା ସହିତ ସକାଳେ କିଛି ସମୟ ଯୋଗ, ପ୍ରାଣାୟାମ କିମ୍ବା ହାଲୁକା ବ୍ୟାୟାମ କରିବା ଦ୍ୱାରା ମାନସିକ ଚାପ ଦୂର ହୁଏ ଏବଂ ଏକାଗ୍ରତା ବୃଦ୍ଧି ପାଏ ।

ଚିନ୍ତା ନୁହେଁ, ସୁଚିନ୍ତିତ ଯୋଜନା ହିଁ ସଫଳତାର ଚାବିକାଠି

ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍ ଏବଂ ସୋସିଆଲ୍ ମିଡିଆ ଛାତ୍ରଛାତ୍ରୀଙ୍କ ଏକାଗ୍ରତା ଭଙ୍ଗ କରିବାର ସବୁଠାରୁ ବଡ଼ କାରଣ ପାଲଟିଛି । ପରୀକ୍ଷା ସମୟରେ ଅନାବଶ୍ୟକ ଭାବେ ମୋବାଇଲ୍ ବ୍ୟବହାର କରିବା କିମ୍ବା ଟିଭି ଦେଖିବାଠାରୁ ଦୂରେଇ ରହିବା ଉଚିତ । ଯଦି ଅନଲାଇନ୍ ପାଠପଢ଼ା ପାଇଁ ମୋବାଇଲ୍ କିମ୍ବା ଇଣ୍ଟରନେଟ୍ ଆବଶ୍ୟକ ହୁଏ, ତେବେ ତାହାକୁ କେବଳ ଅଧ୍ୟୟନ ଉଦ୍ଦେଶ୍ୟରେ ହିଁ ବ୍ୟବହାର କରିବା ଉଚିତ ।

ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଅଭିଭାବକ ଏବଂ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅଭିଭାବକମାନେ ନିଜ ପିଲାମାନଙ୍କୁ ଅନ୍ୟ ପିଲାଙ୍କ ସହ ତୁଳନା ନକରି ସେମାନଙ୍କର ଦକ୍ଷତାକୁ ବୁଝିବା ଉଚିତ । ପିଲାଙ୍କ ଉପରେ ଅତ୍ୟଧିକ ନମ୍ବର ରଖିବାର ଚାପ ନପକାଇ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ । ଘରେ ଏକ ଶାନ୍ତ ଏବଂ ସକାରାତ୍ମକ ପରିବେଶ ସୃଷ୍ଟି କରିବା ଅଭିଭାବକଙ୍କ ଦାୟିତ୍ୱ । ସେହିପରି ଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂର କରିବା ସହ ସେମାନଙ୍କୁ ମାନସିକ ସ୍ତରରେ ଦୃଢ଼ କରିବା ଉଚିତ । ପରୀକ୍ଷା ଦିନ କୌଣସି ପ୍ରକାର ବ୍ୟସ୍ତ ନହୋଇ ଶାନ୍ତ ମନରେ ପରୀକ୍ଷା କେନ୍ଦ୍ରକୁ ଯିବା ଉଚିତ । ପ୍ରଶ୍ନପତ୍ର ପାଇବା ପରେ ପ୍ରଥମେ ସମସ୍ତ ପ୍ରଶ୍ନକୁ ଭଲ ଭାବରେ ପଢ଼ି ବୁଝିନେବା ଦରକାର । ଯେଉଁ ପ୍ରଶ୍ନଗୁଡ଼ିକର ଉତ୍ତର ଭଲ ଭାବରେ ଜଣାଅଛି, ସେଗୁଡ଼ିକୁ ପ୍ରଥମେ ଲେଖିବା ଉଚିତ । ଏହାଦ୍ୱାରା ଆତ୍ମବିଶ୍ୱାସ ବଢ଼ିଥାଏ । ଉତ୍ତର ଲେଖିସାରିବା ପରେ ଶେଷ ୧୦-୧୫ ମିନିଟ୍ ସମୟ ରଖି ସମସ୍ତ ଉତ୍ତରକୁ ଆଉଥରେ ଯାଞ୍ଚ କରିନେବା ବୁଦ୍ଧିମାନର କାର୍ଯ୍ୟ । ପରିଶେଷରେ ଏତିକି କୁହାଯାଇପାରେ ଯେ ମାଟ୍ରିକ ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ, ବରଂ ଏହା ଏକ ନୂଆ ଆରମ୍ଭ ମାତ୍ର । କଠିନ ପରିଶ୍ରମ, ନିଷ୍ଠା ଏବଂ ସକାରାତ୍ମକ ଚିନ୍ତାଧାରା ବଳରେ ଯେକୌଣସି କଠିନ ଲକ୍ଷ୍ୟକୁ ହାସଲ କରାଯାଇପାରିବ । ଛାତ୍ରଛାତ୍ରୀମାନେ ନିଜ ଉପରେ ବିଶ୍ୱାସ ରଖି ଶାନ୍ତ ମନରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ ନିଶ୍ଚିତ ଭାବେ ଉଜ୍ଜ୍ୱଳ ସଫଳତା ଲାଭ କରିପାରିବେ ।

ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ !

ଶାସକ ଦଳ ପାଇଁ ଏହା କି ଆତ୍ମ ସମୀକ୍ଷାର ସମୟ ?



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୂରଭାଷ- ୮୧୪୮ ୭୦୭୨୯

ଗଣତନ୍ତ୍ରରେ ଶାସନ କ୍ଷମତା ହେଉଛି ଜନସାଧାରଣଙ୍କ ଆସ୍ଥାର ପ୍ରତିଫଳନ । ନିର୍ବାଚନରେ ବିଜୟ ହାସଲ କରି କ୍ଷମତାକୁ ଆସିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେହି ଜନଆସ୍ଥାକୁ ଅତୁଟ ରଖିବା ତା'ଠାରୁ ଅଧିକ ଆହ୍ୱାନପୂର୍ଣ୍ଣ । ଶାସନର ଏହି ମୌଳିକ ଦାୟିତ୍ୱକୁ ଅଣଦେଖା କଲେ ଜନସମର୍ଥନର ଭିତ୍ତି ଦୁର୍ବଳ ହେବା ସ୍ୱାଭାବିକ । ଏଭଳି ଏକ ପରିପ୍ରେକ୍ଷୀରେ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାରାରେ ଶାସକ ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ ଏକ ଚର୍ଚ୍ଚାର ବିଷୟ ହୋଇଛି । ଜିଲ୍ଲା, ଉପଖଣ୍ଡ ଓ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ଏଭଳି ସମ୍ମିଳନୀ ଆୟୋଜନ ପାଇଁ ଉଦ୍ୟମ ପଛରେ କେଉଁ ରାଜନୈତିକ ଆହ୍ୱାନ କାର୍ଯ୍ୟ କରୁଛି, ତାହା ବିଶ୍ଳେଷଣର ଅପେକ୍ଷା ରଖେ ।

ଆତ୍ମବିଶ୍ୱାସ ନା ଆଶଙ୍କା ?

ଯେଉଁ ଦଳ ଶାସନ କ୍ଷମତାରେ ରହିଛି, ତା'କୁ ନିଜ କାର୍ଯ୍ୟ, ନୀତି ଓ ଜନକଲ୍ୟାଣମୂଳକ ଯୋଜନା ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତିବାକୁ ପଡ଼େ । କିନ୍ତୁ ଯେତେବେଳେ ଶାସକ ଦଳକୁ ପ୍ରତ୍ୟେକ ଜିଲ୍ଲା, ଉପଖଣ୍ଡ ଓ ନିର୍ବାଚନମଣ୍ଡଳୀରେ ବୁଦ୍ଧିଜୀବୀଙ୍କୁ ଏକାଠି କରି ନିଜ ରାଜନୈତିକ ଆଭିମୁଖ୍ୟର ବ୍ୟାଖ୍ୟା ଦେବାକୁ ପଡ଼େ, ସେତେବେଳେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ—ଶାସକ ଦଳ କେଉଁ ଆହ୍ୱାନର ସମ୍ମୁଖୀନ ହେଉଛି? ଏହା କେବଳ ଏକ ସଂଗଠନାତ୍ମକ ଅଭିଯାନ ନା ଜନମତରେ ସୃଷ୍ଟି ହୋଇଥିବା କୌଣସି ଅସ୍ୱସ୍ତିକୁ ଦୂର କରିବାର ପ୍ରୟାସ ?

ଏହାକୁ ଶାସକ ଦଳର ଦୁର୍ବଳତାର ନିର୍ଣ୍ଣାୟକ ପ୍ରମାଣ ବୋଲି କହିହେବ ନାହିଁ। ତେବେ ବ୍ୟାପକ ସ୍ତରରେ ଏଭଳି ଅଭିଯାନର ଆବଶ୍ୟକତା ଅନୁଭବ ହେବା ପଛରେ ରାଜନୈତିକ ଯୋଗାଯୋଗର ଆବଶ୍ୟକତା, ବିରୋଧୀଙ୍କ ଅଭିଯୋଗର ମୁକାବିଲା ଏବଂ ଜନସାଧାରଣଙ୍କ ମଧ୍ୟରେ ନିଜ ପକ୍ଷର ଯୁକ୍ତି ଉପସ୍ଥାପନ କରିବାର ଚାପ ଥାଇପାରେ ।

ଗଣତନ୍ତ୍ରର ପ୍ରକୃତ ଅର୍ଥ :

ଗଣତନ୍ତ୍ର କେବଳ ନିର୍ବାଚନ, ସଂଖ୍ୟାଗରିଷ୍ଠତା ଓ ସରକାର ଗଠନରେ ସୀମିତ ନୁହେଁ । ମତପ୍ରକାଶର ସ୍ୱାଧୀନତା, ବିରୋଧୀଙ୍କୁ ନିଜ ମତ ରଖିବାର ଅଧିକାର, ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା, ଆଇନର ଶାସନ ଓ ନାଗରିକଙ୍କ ମୌଳିକ ଅଧିକାର ହେଉଛି ଏହାର ମୂଳ ଆଧାର । ଶାସକ ଓ ବିରୋଧୀ ଉଭୟଙ୍କ ପାଇଁ ଏହି ମୂଲ୍ୟବୋଧ ସମାନ ଭାବରେ ପ୍ରଯୁଜ୍ୟ । ବିରୋଧୀ ଦଳର ପ୍ରତ୍ୟେକ ଆନ୍ଦୋଳନକୁ ଅରାଜକତା ଆଖ୍ୟା ଦେବା ଯେପରି ଅନୁଚିତ, ସେହିପରି ରାଜନୈତିକ ବିରୋଧ ନାମରେ ହିଂସା, ଅସହିଷ୍ଣୁତା ଓ ଅବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ମଧ୍ୟ ଗଣତନ୍ତ୍ର ପାଇଁ ହାନିକାରକ । ତେଣୁ ଏହି ଅଭିଯାନରେ 'ଅରାଜକତା'ର ସଠିକ୍ ସଂଜ୍ଞା ଓ ତାହାର ଉଦାହରଣ ଜନସାଧାରଣଙ୍କ ସମ୍ମୁଖରେ ତଥ୍ୟଭିତ୍ତିକ ଭାବେ ରଖିବା ଆବଶ୍ୟକ ।

ବୁଦ୍ଧିଜୀବୀଙ୍କ ଭୂମିକା ଓ ଦାୟିତ୍ୱ :

ବୁଦ୍ଧିଜୀବୀ ସମାଜ ହେଉଛି ଗଣତନ୍ତ୍ରର ବିବେକ । ସେମାନଙ୍କ କାର୍ଯ୍ୟ କୌଣସି ରାଜନୈତିକ ଦଳର ମତକୁ କେବଳ ସମର୍ଥନ କରିବା ନୁହେଁ; ବରଂ ଶାସକଙ୍କୁ ପ୍ରଶ୍ନ କରିବା, ବିରୋଧୀଙ୍କ ଯୁକ୍ତିର ପରୀକ୍ଷା କରିବା ଏବଂ ନିରପେକ୍ଷ ଦୃଷ୍ଟିକୋଣରୁ ସତ୍ୟକୁ ସାମ୍ନାକୁ ଆଣିବା । ତେଣୁ ଏଭଳି ସମ୍ମିଳନୀରେ କେବଳ ଦଳୀୟ ଆଭିମୁଖ୍ୟର ପ୍ରଚାର ନୁହେଁ, ମୁକ୍ତ ଓ ନିରପେକ୍ଷ ଆଲୋଚନାର ପରିବେଶ ସୃଷ୍ଟି ହେବା ଉଚିତ । ବୁଦ୍ଧିଜୀବୀଙ୍କ ସ୍ୱାଧୀନ ମତକୁ ସମ୍ମାନ ନଦେଲେ ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହିଁ ବ୍ୟର୍ଥ ହୋଇଯିବ ।

କେବଳ ନାରା ନୁହେଁ, କାର୍ଯ୍ୟ ହେଉ ମାପକାଠି :

ଶାସକ ଦଳ ପାଇଁ ଆଜିର ସବୁଠାରୁ ବଡ଼ ଆହ୍ୱାନ ହେଉଛି ନିଜ ଶାସନର ଉପଲବ୍ଧିକୁ ଲୋକଙ୍କ ଜୀବନରେ ପ୍ରତିଫଳିତ କରିବା । ବେକାରି, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ବିକାଶ, ଦୁର୍ନୀତି ଓ ପ୍ରଶାସନିକ ଅବ୍ୟବସ୍ଥା ଭଳି ପ୍ରସଙ୍ଗରେ ଲୋକଙ୍କ ଅଭିଯୋଗର ସମାଧାନ ହେବା ଦରକାର । ନିର୍ବାଚନୀ ପ୍ରତିଶ୍ରୁତିର କାର୍ଯ୍ୟକାରିତା ଓ ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିବା ହିଁ ଜନଆସ୍ଥା ବୃଦ୍ଧିର ପ୍ରକୃତ ମାପକାଠି । ସେହିପରି ବିରୋଧୀ ଦଳଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି । କେବଳ ସମାଲୋଚନା କିମ୍ବା ରାଜନୈତିକ ବିରୋଧ ପାଇଁ ବିରୋଧ ନକରି ଜନସମସ୍ୟା ଉପରେ ଗଠନମୂଳକ ବିକଳ୍ପ ଉପସ୍ଥାପନ କରିବା ଆବଶ୍ୟକ ।

'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାରା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । କିନ୍ତୁ ଏହାର ସଫଳତା ସମ୍ମିଳନୀର ସଂଖ୍ୟା, ଉପସ୍ଥିତି କିମ୍ବା ଭାଷଣର ଗମ୍ଭୀରତାରେ ନୁହେଁ, ବରଂ ଏହା ଦ୍ୱାରା ଗଣତାନ୍ତ୍ରିକ ମୂଲ୍ୟବୋଧ କେତେ ଦୃଢ଼ ହେଉଛି, ତାହା ଉପରେ ନିର୍ଭର କରିବ । ଶାସକ ଦଳ ମନେରଖିବା ଉଚିତ ଯେ ଜନମତ କେବଳ ନିର୍ବାଚନ ସମୟରେ ନୁହେଁ, ପ୍ରତିଦିନ ଶାସନର କାର୍ଯ୍ୟଦକ୍ଷତା ଦ୍ୱାରା ଗଢ଼ିଉଠେ । ଗଣତନ୍ତ୍ରର ସୁରକ୍ଷା ଅନ୍ୟକୁ ଦୋଷାରୋପ କରିବାରେ ନୁହେଁ, ନିଜ ଆଚରଣ ଓ କାର୍ଯ୍ୟରେ ତାହାର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାରେ ରହିଛି । ଶେଷରେ ନାରା ନୁହେଁ, ଶାସନର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଜନସେବା ହିଁ ଶାସକ ଦଳର ରାଜନୈତିକ ଭବିଷ୍ୟତ ନିର୍ଣ୍ଣୟ କରିବ ।

ଏମ୍ସରେ ଟ୍ରମା ଶଯ୍ୟା ଅଭାବ

ରେଫରାଲ୍ ନୁହେଁ; ଦରକାର ସ୍ଥାୟୀ ସମାଧାନ



କାରକ ମହାନ୍ତି
ହରିଚନ୍ଦନପୁର, କେନ୍ଦୁଝର
ଦୂରଭାଷ- ୯୪୩୮୪୧୪୧୨୧

ଭୁବନେଶ୍ୱର ଏମ୍ସ ଆଜି କେବଳ ଓଡ଼ିଶା ନୁହେଁ, ପୂର୍ବ ଭାରତର ଏକ ପ୍ରମୁଖ ଚିକିତ୍ସା କେନ୍ଦ୍ର । ପ୍ରାୟ ୧,୨୦୦ ଅନ୍ତର୍ନିବାସୀ ଶଯ୍ୟା ଥିବା ଏହି ପ୍ରତିଷ୍ଠାନରେ ପ୍ରତିଦିନ ପ୍ରାୟ ୫,୦୦୦ରୁ ୫,୫୦୦ ବାହ୍ୟରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ଏପରି ବିପୁଳ ରୋଗୀ ଚାପ ମଧ୍ୟରେ ଟ୍ରମା ଓ ଜରୁରୀ ଚିକିତ୍ସା ବିଭାଗରେ ମାତ୍ର ପ୍ରାୟ ୫୦ଟି ଶଯ୍ୟା ରହିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ଫଳରେ ଅନେକ ରୋଗୀଙ୍କୁ କଟକସ୍ଥିତ ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲ କିମ୍ବା ଅନ୍ୟ ଚିକିତ୍ସାଳୟକୁ ପଠାଇବାକୁ ପଡୁଛି ।

ଏହା କେବଳ ଏକ ହସ୍ପିଟାଲର ବେଡ୍ ଅଭାବର ପ୍ରଶ୍ନ ନୁହେଁ । ଏହା ଗୁରୁତର ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିବାର ପ୍ରଶ୍ନ । ସଡ଼କ ଦୁର୍ଘଟଣା, ମୁଣ୍ଡରେ ଗୁରୁତର ଆଘାତ, ହାଡ଼ ଭାଙ୍ଗିବା କିମ୍ବା ଶରୀରର ଏକାଧିକ ଅଂଶରେ ଆଘାତ ଭଳି ଘଟଣାରେ ପ୍ରତି ମିନିଟ୍ ମୂଲ୍ୟବାନ । ଏପରି ସମୟରେ ଗୋଟିଏ ଚିକିତ୍ସାଳୟରୁ ଅନ୍ୟ ଚିକିତ୍ସାଳୟକୁ ରୋଗୀ ସ୍ଥାନାନ୍ତର କରିବା ଜୀବନ ପାଇଁ ଅତିରିକ୍ତ ବିପଦ ସୃଷ୍ଟି କରିବାର ସମ୍ଭାବନା ରଖୁଛି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆୟୁସ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଭିଯାନ ଅଧୀନରେ ୧୫ ଡିସେମ୍ବର ୨୦୨୨ ଦିନ ଏମ୍ସ ଭୁବନେଶ୍ୱର ଓ ବୁଲା କୁକୁରଙ୍କୁ ଦାୟିତ୍ୱହୀନ ଭାବରେ ଖାଦ୍ୟ ଦେବା, ସେମାନଙ୍କର ଟିକାକରଣ ଓ ନିୟନ୍ତ୍ରଣ ପ୍ରତି ଧ୍ୟାନ ନ ଦେବା ଏବଂ କୁକୁର କାହାକୁ ଆକ୍ରମଣ କଲେ ତାହାକୁ ହାଲୁକା ଭାବରେ ନେବା ମଧ୍ୟ ଚିନ୍ତାଜନକ । ପଶୁପ୍ରେମୀ ହେବା ଏକ ମହତ୍ ଗୁଣ; କିନ୍ତୁ ସେହି ପ୍ରେମ ସହିତ ମଣିଷ ପ୍ରତି ଦାୟିତ୍ୱ ଓ ସାମାଜିକ ନିୟମ ପ୍ରତି ସମ୍ମାନ ରହିବା ମଧ୍ୟ ଆବଶ୍ୟକ । ପଶୁଙ୍କ ସୁରକ୍ଷା ଓ ମଣିଷଙ୍କ ସୁରକ୍ଷା ପରସ୍ପରର ବିରୋଧୀ ନୁହେଁ ।

ରାସ୍ତାରେ ଅଳିଆ ପକାଇବା, ନାଳ ଅବରୋଧ କରିବା, ସାର୍ବଜନୀନ ସ୍ଥାନରେ ଛେପ ପକାଇବା, ଜଳାଶୟକୁ ପ୍ରଦୂଷିତ କରିବା, ଗଛ କାଟିବା ଓ ସରକାରୀ ସମ୍ପତ୍ତି ନଷ୍ଟ କରିବା ମଧ୍ୟ ଅନୁଶାସନହୀନତାର ଉଦାହରଣ । ଆମେ ଭୁଲିଯାଉ ଯେ ସାର୍ବଜନୀନ ସମ୍ପତ୍ତି କେବଳ ସରକାରଙ୍କର ନୁହେଁ; ଏହା ଆମ ସମସ୍ତଙ୍କର । ଏହାର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଆମ ଦେଶର ସମ୍ବିଧାନ ନାଗରିକଙ୍କୁ ଅଧିକାର ପ୍ରଦାନ କରିବା ସହିତ କେତେକ ମୌଳିକ କର୍ତ୍ତବ୍ୟ ମଧ୍ୟ ନିର୍ଦ୍ଧାରଣ କରିଛି । ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା, ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା, ପ୍ରାକୃତିକ ପରିବେଶ ସୁରକ୍ଷା କରିବା, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା ଓ ବୈଜ୍ଞାନିକ ମନୋଭାବର ବିକାଶ କରିବା ଆମର ମୌଳିକ କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ କିନ୍ତୁ ଆମେ ନିଜ ଅଧିକାର ପାଇଁ ଯେତିକି ସଚେତନ, ନିଜ କର୍ତ୍ତବ୍ୟ ପାଳନ ପାଇଁ ସେତିକି ସଚେତନ କି ?

ଅନ୍ୟମାନଙ୍କଠାରୁ ଆମେ ଶୃଙ୍ଖଳା ଆଶା କରୁ, କିନ୍ତୁ ନିଜେ ନିୟମ ମାନିବାକୁ ଅନେକ ସମୟରେ ପଛଘୁଞ୍ଚା ଦେଉ । ଅନ୍ୟର ଭୁଲ୍ ଦେଖିଲେ ପ୍ରତିବାଦ କରୁ, କିନ୍ତୁ ନିଜର ଭୁଲକୁ ଯୁକ୍ତି ଦେଇ ଠିକ୍ ପ୍ରମାଣ କରିବାକୁ ଚେଷ୍ଟା କରୁ । ଏହି ଦ୍ୱିମୁଖୀ ମନୋଭାବ ହିଁ ସମାଜରେ ଅନୁଶାସନହୀନତାର ଏକ ପ୍ରମୁଖ କାରଣ ।

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବା ଆବଶ୍ୟକ । ଅନୁଶାସନର ଅର୍ଥ ଅନ୍ୟାୟକୁ ନୀରବରେ ସହିଯିବା ନୁହେଁ । ଅନ୍ୟାୟ, ଦୁର୍ନୀତି, ଅତ୍ୟାଚାର ଓ ଅନ୍ୟାୟପୂର୍ଣ୍ଣ ଆଦେଶ ବିରୋଧରେ ସ୍ୱର ଉତ୍ତୋଳନ କରିବା ମଧ୍ୟ ଜଣେ ସଚେତନ ନାଗରିକର କର୍ତ୍ତବ୍ୟ । ପ୍ରକୃତ ଅନୁଶାସନ ହେଉଛି ନିୟମର ନ୍ୟାୟସଙ୍ଗତ ଉଦ୍ଦେଶ୍ୟକୁ ବୁଝିବା ଏବଂ ନିଜର ଆଚରଣକୁ ସେହି ଅନୁସାରେ ପରିଚାଳିତ କରିବା । କେବଳ ପୋଲିସ୍ ଉପସ୍ଥିତିରେ ହେଲମେଟ୍ ପିନ୍ଧିବା ଅନୁଶାସନ ନୁହେଁ; ନିଜ ଜୀବନ ଓ ଅନ୍ୟର ଜୀବନର ସୁରକ୍ଷା ପାଇଁ ସବୁବେଳେ ହେଲମେଟ୍ ପିନ୍ଧିବା ହିଁ ପ୍ରକୃତ ଅନୁଶାସନ । କେହି ଦେଖୁନଥିବା ସମୟରେ ମଧ୍ୟ ନିୟମ ମାନିବା, ଅନ୍ୟର ଅଧିକାରକୁ ସମ୍ମାନ ଦେବା ଏବଂ ନିଜର ସ୍ୱାର୍ଥକୁ ସୀମିତ ର

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ରାଜ୍ୟରେ ବେଆଇନ ବାଇକ୍ ଟ୍ୟାକ୍ସି ଉପରେ କଡ଼ା କଟକଣା

ଉବେର ଓ ରାପିଡୋକୁ କ୍ରାଇମବ୍ରାଞ୍ଚର ୧୫ ଦିନିଆ ମହଲତ

ଘରୋଇ ବାଇକ୍‌ରେ ଯାତ୍ରୀ ପରିବହନକୁ ତୁରନ୍ତ ବନ୍ଦ କରିବାକୁ ନୋଡାଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ

ଜିଓ-ଫେନ୍ସିଂ ଜରିଆରେ ଆପ୍‌ରୁ ବାଇକ୍ ବୁକିଂ ସୁବିଧା ହଟାଇବାକୁ ତାଗିଦ୍; ନଚେତ୍ ହେବ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର / କଟକ, ୧୪/୧୧ : ରାଜ୍ୟରେ ଘରୋଇ ଦୁଇଚକିଆ ଯାନକୁ ବେଆଇନ ଭାବେ ବ୍ୟବସାୟିକ ବାଇକ୍ ଟ୍ୟାକ୍ସି ଭାବେ ବ୍ୟବହାର କରିବା ଉପରେ ଓଡ଼ିଶା ପୋଲିସ କ୍ରାଇମବ୍ରାଞ୍ଚ ଏବଂ ପରିବହନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୋଟର ଯାନ ଆଇନ, ୧୯୮୮ ଏବଂ 'ଓଡ଼ିଶା ଅନ୍-ଡିମାଣ୍ଡ ଟ୍ରାନ୍ସପୋର୍ଟେସନ୍ ଟେକ୍ନୋଲୋଜି ଏଗ୍ରିଗେଟର୍ସ ଗାଇଡଲାଇନ୍ସ, ୨୦୨୩' ର ଖୋଲା ଉଲ୍ଲଙ୍ଘନ ଅଭିଯୋଗରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରମୁଖ ରାଇଡ୍-ହେଲିଂ ସଂସ୍ଥା ଉବେର ଏବଂ ରାପିଡୋ ର ନୋଡାଲ୍ ଅଧିକାରୀଙ୍କୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ପାଇବାର ୧୫ ଦିନ ମଧ୍ୟରେ ରାଜ୍ୟରେ ବେଆଇନ ବାଇକ୍ ଟ୍ୟାକ୍ସି ସେବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କଟକସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣର ପରିବହନ କମିଶନରଙ୍କ ନିକଟକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପଠାଯାଇଥିବା ପତ୍ର (ନଂ- ୧୧୩୮/ସିଆଇଡି) ଅନୁଯାୟୀ, ଭୁବନେଶ୍ୱର-୧, ଭୁବନେଶ୍ୱର-୨ ଏବଂ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଯାଞ୍ଚ ରିପୋର୍ଟରୁ ଏହି ଅନିୟମିତତା ସାମ୍ନାକୁ ଆସିଥିଲା। ରିପୋର୍ଟରେ ଦର୍ଶାଯାଇଥିଲା ଯେ, ଘରୋଇ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଥିବା ଧଳା ନମ୍ବର ପ୍ଲେଟ୍ ବିଶିଷ୍ଟ ବାଇକ୍ ଓ ସ୍କୁଟିଗୁଡ଼ିକୁ ଉବେର ଓ ରାପିଡୋ ଆପ୍ ମାଧ୍ୟମରେ ଯାତ୍ରୀ ପରିବହନ ପାଇଁ ବ୍ୟବହାର କରାଯାଉଛି, ଯାହା ସମ୍ପୂର୍ଣ୍ଣ ବେଆଇନ ଏବଂ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିପଦପୂର୍ଣ୍ଣ।

କ୍ରାଇମବ୍ରାଞ୍ଚ ପକ୍ଷରୁ ଉଭୟ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ଜିଓ-ଫେନ୍ସିଂ କିମ୍ବା ଅନ୍ୟ ବୈଷୟିକ ବ୍ୟବସ୍ଥା ଗ୍ରହଣ କରି ଓଡ଼ିଶା ସୀମା ମଧ୍ୟରେ ସେମାନଙ୍କ ମୋବାଇଲ୍ ଆପ୍‌ରୁ ଅଣ-ପରିବହନ ଦୁଇଚକିଆ ଯାନ ବୁକିଂ ସୁବିଧାକୁ ନିଷ୍କ୍ରିୟ କରିବେ। ୧୫ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରି କ୍ରାଇମବ୍ରାଞ୍ଚ ଏବଂ ରାଜ୍ୟ ପରିବହନ ପ୍ରାଧିକରଣ ନିକଟରେ 'ଅନୁପାଳନ ରିପୋର୍ଟ' ଦାଖଲ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ଦ୍ଦେଶ ନ ମାନିଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେବେ ଏହି କଟକଣା କେବଳ ଘରୋଇ ନମ୍ବର ପ୍ଲେଟ୍ ବିଶିଷ୍ଟ ବାଇକ୍ ଟ୍ୟାକ୍ସି ଉପରେ ଲାଗୁ ହୋଇଛି। ରାଜ୍ୟରେ ଉବେର ଏବଂ ରାପିଡୋର ପଞ୍ଜୀକୃତ ଅଟୋ-ରିକ୍ସା ଏବଂ କାର୍ ଟ୍ୟାକ୍ସି ସେବା ପୂର୍ବଭଳି ସ୍ୱାଭାବିକ ଭାବେ ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି।



ଅଗ ୍ନିବୀରଙ୍କ ଭବ୍ୟ ପାସିଂ ଆଉଟ୍ ପ୍ୟାରେଡ୍

- ଦେଶସେବାରେ ସାମିଲ ହେଲେ ଶହ ଶହ ଯୁବକ-ଯୁବତୀ
- ଓଡ଼ିଶା କୂଳରେ ଭାରତୀୟ ନୌସେନାର ନୂତନ ଯୋଦ୍ଧାଙ୍କ ଦୀକ୍ଷାନ୍ତ ସମାରୋହ ସମ୍ପନ୍ନ



ଭୁବନେଶ୍ୱର/ଚିଲିକା,୧୪/୧୧(ଜେଏନ୍‌ଏସ୍) :ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ଭାରତୀୟ ନୌସେନାର ପ୍ରମୁଖ ତାଲିମ କେନ୍ଦ୍ର 'ଆଇଏନ୍‌ଏସ୍ ଚିଲିକା' ଠାରେ ଅଗ୍ନିବୀରମାନଙ୍କର ଏକ ଭବ୍ୟ ଏବଂ ଆକର୍ଷଣୀୟ ପାସିଂ ଆଉଟ୍ ପ୍ୟାରେଡ୍ ଅନୁଷ୍ଠିତ ହୋଇଯାଇଛି। କଠିନ ତାଲିମ ଶେଷ କରି ଦେଶର ସୁରକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ଏହି ଯୁବ ନୌସେନା କର୍ମଚାରୀମାନେ ଦେଶପ୍ରେମର ଶପଥ ନେଇଛନ୍ତି। ଏହି ଗୌରବମୟ ସମାରୋହରେ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ ଏବଂ ଅଗ୍ନିବୀରମାନଙ୍କର ଶୃଙ୍ଖଳା ଓ ପ୍ୟାରେଡ୍ ପ୍ରଦର୍ଶନର ଭୂୟସୀ ପ୍ରଶଂସା କରିଥିଲେ। ତାଲିମ ପ୍ରାପ୍ତ କରିଥିବା ଅଗ୍ନିବୀରମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଯୁବତୀ ମଧ୍ୟ ସାମିଲ ଥିଲେ, ଯାହାକି ଭାରତୀୟ ନୌସେନାରେ ମହିଳାମାନଙ୍କ ବର୍ଦ୍ଧିତ ଏବଂ ସଶକ୍ତ ଭୂମିକାକୁ ଦର୍ଶାଉଛି। କଠିନ ତାଲିମ ସମୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମେଧାବୀ ଅଗ୍ନିବୀରମାନଙ୍କୁ ବିଭିନ୍ନ ଟ୍ରଫି ଏବଂ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆଇଏନ୍‌ଏସ୍ ଚିଲିକାର ଅତ୍ୟାଧୁନିକ ପରିବେଶରେ ତାଲିମ ନେଇଥିବା ଏହି ନୂତନ ବ୍ୟାଚ୍‌ର ଅଗ୍ନିବୀରମାନେ ବର୍ତ୍ତମାନ ଦେଶର ବିଭିନ୍ନ ଯୁଦ୍ଧପୋତ ଏବଂ ନୌସେନା ପ୍ରତିଷ୍ଠାନରେ ନିଜର ସେବା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ସମାରୋହ ଅଗ୍ନିବୀରମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ ଗର୍ବ ଏବଂ ଗୌରବର ମୁହୂର୍ତ୍ତ ସାଜିଥିଲା।

ଜଳ ବିଶୋଧନ କ୍ଷେତ୍ରରେ ବୈଜ୍ଞାନିକଙ୍କ ବଡ଼ ସଫଳତା

ସାଧାରଣ ଆର୍‌ଓ ଠାରୁ ୫ ଗୁଣ ଅଧିକ ସଫା କରିବ 'କାର୍ବନ୍ ନାନୋମେମ୍ବ୍ରେନ୍'



ବହୁତ କମ୍ ଚାପ ଓ ବିଦ୍ୟୁତ୍ ଖର୍ଚ୍ଚରେ ସମୁଦ୍ର ପାଣିରୁ ଲୁଣ ଏବଂ ବିଷାକ୍ତ ରାସାୟନିକ ପଦାର୍ଥ ଅଲଗା କରିବା ସମ୍ଭବ ହେବ

ନୂଆଦିଲ୍ଲୀ, ୧୪/୧୧ : ବିଶ୍ୱବ୍ୟାପୀ ଦେଖାଦେଇଥିବା ସ୍ୱଚ୍ଛ ପାନୀୟ ଜଳ ସଙ୍କଟ ଦୂର କରିବା ଦିଗରେ ବୈଜ୍ଞାନିକମାନଙ୍କୁ ଏକ ଐତିହାସିକ ସଫଳତା ମିଳିଛି। ଜର୍ମାନୀର ଡ୍ରେସଡେନ୍‌ସ୍ଥିତ 'ଫ୍ରାଉନହୋଫର ଇନଷ୍ଟିଚ୍ୟୁଟ୍ ଫର୍ ଇଲେକ୍ଟ୍ରନ୍ ବିମ୍ ଆଣ୍ଡ ପ୍ଲାଜମା ଟେକ୍ନୋଲୋଜି' ଏବଂ ଷ୍ଟାର୍ଟଅପ୍ 'ସିଏନ୍‌ଏମ୍ ଟେକ୍ନୋଲୋଜିସ୍'ର ଗବେଷକମାନେ ମିଳିତ ଭାବେ ଏକ ଅତ୍ୟାଧୁନିକ କାର୍ବନ୍ ନାନୋମେମ୍ବ୍ରେନ୍ ଫିଲ୍ଟରେସନ୍ ପ୍ରଣାଳୀ ବିକଶିତ କରିଛନ୍ତି। ପରୀକ୍ଷାଗାରରେ ଏହା ବର୍ତ୍ତମାନର ପାରମ୍ପରିକ ରିଭର୍ସ ଅସମୋସିସ୍ ପ୍ରଯୁକ୍ତିବିଦ୍ୟା ତୁଳନାରେ ୫ ଗୁଣ ଅଧିକ ଦକ୍ଷତାର ସହ ଜଳ ବିଶୋଧନ ଓ ଲୁଣ ଅଲଗା କରିବାରେ ସଫଳ ହୋଇଛି। ପାରମ୍ପରିକ ଆର୍‌ଓ ମେସିନ୍‌ରେ ମୋଟା ପଲିମର୍ ସ୍ତର ବ୍ୟବହୃତ ହେଉଥିବାରୁ ସେଥିରେ ପାଣି ଛାଣିବା ପାଇଁ ଅତ୍ୟଧିକ ହାଇଡ୍ରୋଲିକ୍ ଚାପ ଏବଂ ଅଧିକ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ବୈଜ୍ଞାନିକମାନେ ପ୍ରସ୍ତୁତ କରିଥିବା ଏହି ନୂତନ କାର୍ବନ୍ ନାନୋମେମ୍ବ୍ରେନ୍ ମାତ୍ର କିଛି ନାନୋମିଟର (ଗୋଟିଏ ଅଣୁ ଭଳି) ପତଳା। ଏଥିରେ ଥିବା ଅତି ସୂକ୍ଷ୍ମ ଛିଦ୍ର ଦେଇ ବିଶୁଦ୍ଧ ଜଳ କଣିକାଗୁଡ଼ିକ ବିନା କୌଣସି ଘର୍ଷଣରେ ସହଜରେ ପାର ହୋଇଯାଆନ୍ତି। ଅନ୍ୟପଟେ, ପାଣିରେ ମିଶିଥିବା ଲୁଣ ଆୟନ୍, ବିଷାକ୍ତ ଜୈବିକ ପଦାର୍ଥ ଏବଂ ସୂକ୍ଷ୍ମ ପ୍ରଦୂଷକଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅଟକି ରହନ୍ତି। ୟୁରୋପୀୟ ସଂଘର 'କନଭର୍ଟ-୨-ଗ୍ରୀନ୍' ପ୍ରକଳ୍ପ ଅଧୀନରେ ପ୍ରସ୍ତୁତ ଏହି ପ୍ରଯୁକ୍ତିବିଦ୍ୟା ଶିଳ୍ପ ଜଗତରେ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଫ୍ରାଉନହୋଫର ଏଫ୍‌ଇପିର ପ୍ରକଳ୍ପ ପରିଚାଳକ ଡକ୍ଟର ମାଥିଆସ୍ ଫାହଲାଣ୍ଡ କହିଛନ୍ତି ଯେ, ଏହି ଫିଲ୍ଟର ଅତ୍ୟନ୍ତ କମ୍ ଚାପରେ କାମ କରୁଥିବାରୁ ବଡ଼ ବଡ଼ ଜଳ ବିଶୋଧନ ପ୍ଲାଣ୍ଟଗୁଡ଼ିକରେ ବିଦ୍ୟୁତ୍ ଖର୍ଚ୍ଚ ଏବଂ ଯନ୍ତ୍ରପାତିର ମୂଲ୍ୟ ବହୁ ପରିମାଣରେ ହ୍ରାସ ପାଇବ। କେବଳ ପାନୀୟ ଜଳ କିମ୍ବା ସମୁଦ୍ର ପାଣିକୁ ମଧୁର କରିବା ନୁହେଁ, ବରଂ ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ନିର୍ମାଣ ଏବଂ ରାସାୟନିକ ଶିଳ୍ପରେ ସମ୍ବେଦନଶୀଳ ତରଳ ପଦାର୍ଥକୁ ଶୁଦ୍ଧ କରିବା କ୍ଷେତ୍ରରେ ମଧ୍ୟ ଏହି ନାନୋମେମ୍ବ୍ରେନ୍ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।

ବିଜେପିର କେବଳ କଂଗ୍ରେସକୁ ବିରୋଧ ଯଥେଷ୍ଟ ନୁହେଁ - ଜନସେବା ଦରକାର



ଅଭିଷେକ ଯୋଶୀ

ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ରାଜନୀତିରେ ପ୍ରତିପକ୍ଷକୁ ଅପଚାର କରିବା ନୂଆ କଥା ନୁହେଁ। ବିଜେପି କଂଗ୍ରେସକୁ ଦୃଢ଼ ଭାବେ ବିରୋଧ କରେ, ତାହା ତାହାର ରାଜନୈତିକ ଅଧିକାର; କିନ୍ତୁ କଂଗ୍ରେସ ବିରୋଧରେ କଠୋର ମନୋଭାବ ରଖିବା ଯଥେଷ୍ଟ ନୁହେଁ। ଏକ ଶାସକ ଦଳ ହେବା ନାତିରେ ପ୍ରକୃତ ପରୀକ୍ଷା ଏହା—ସେ ପ୍ରଦୂଷଣ, ଦୁର୍ନୀତି, ଘୃଣା, ମିଥ୍ୟା, ଅପରାଧ, ସାହସିକତା ଅଭାବ, ହିଂସା, ଦୁଷ୍ଟାମି ଓ ପ୍ରତାରଣ ବିରୋଧରେ କେତେ ଦୃଢ଼ ଭାବେ କାର୍ଯ୍ୟ କରିପାରୁଛି। ଏଠାରେ ବିଜେପିର ମୂଳ ସମସ୍ୟା ହେଉଛି: କଂଗ୍ରେସ ପ୍ରତି ତୀବ୍ର ବିରୋଧ ଥିଲେ ମଧ୍ୟ, ଅନେକ କ୍ଷେତ୍ରରେ ଏହି ମୌଳିକ ଅସୁବିଧାଗୁଡ଼ିକ ପ୍ରତି ଯଥେଷ୍ଟ ଜବାବଦିହିତା ଦେଖାଯାଉ ନାହିଁ।

ପ୍ରଦୂଷଣ ପ୍ରତି ଅଣଗୌରବ

ଦିଲ୍ଲୀର ବାୟୁପ୍ରଦୂଷଣ ଏହାର ସ୍ପଷ୍ଟ ଉଦାହରଣ। ୨୦୨୫ ଶୀତ ଋତୁରେ ଦିଲ୍ଲୀ ପ୍ରାୟ ଏକ ଦଶନ୍ଧିର ସର୍ବାଧିକ ଖରାପ ବାୟୁଗୁଣ ସମ୍ମୁଖୀନ ହୋଇଥିଲା; ନଭେମ୍ବର-ଡିସେମ୍ବରରେ ୮୮ ପ୍ରତିଶତ ଦିନ ଇଣ୍ଡେଓ ୩୦୦ରୁ ଅଧିକ ଥିଲା। ଏହା କେବଳ ରାଜନୈତିକ ବିବାଦ ନୁହେଁ—ଏହା ନାଗରିକଙ୍କ ଫୁସ୍ଫୁସ୍, ଶିଶୁର ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଜୀବନ ସହିତ ସଂଯୁକ୍ତ ଏକ ଜନସ୍ୱାସ୍ଥ୍ୟ ସଙ୍କଟ।

ଦୁର୍ନୀତି ବିରୋଧରେ ଦ୍ୱିମୁଖୀ ମାନଦଣ୍ଡ

ଦୁର୍ନୀତି ବିରୋଧରେ ଲଢ଼ିବା ଭଲ କଥା। କିନ୍ତୁ ଦୁର୍ନୀତି ଯେତେବେଳେ କେବଳ ପ୍ରତିପକ୍ଷର ଦୋଷ ହେବ, ସେତେବେଳେ ତାହା ନ୍ୟାୟ ନୁହେଁ—ରାଜନୈତିକ ଅସ୍ତ୍ର ହୋଇଯାଏ। କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ସହ ଜଡ଼ିତ ଘବଗ୍ସ୍ୱକ୍ଟଭବକ୍ଷ ଐରକ୍ସବକ୍ଷୟ ମାମଲାରେ ରଉ ଅଭିଯୋଗ ଦାଖଲ କରିଥିଲେ, ଏବଂ ବିଜେପି ଏହାକୁ କଂଗ୍ରେସର ଦୁର୍ନୀତିର ଉଦାହରଣ ବୋଲି ପ୍ରଚାର କରିଥିଲା। କିନ୍ତୁ ନିଜ ପକ୍ଷର ନେତା ବା ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଉଠିଲେ ସେହି ସମାନ କଠୋରତା ଦେଖାଯିବା ଦରକାର। ଉଦାହରଣ ସ୍ୱରୂପ, ମହାଦେବ ଅନଲାଇନ ବେଟିଂ ମାମଲାରେ ଏକ ବିଜେପି ନେତା ବିରୋଧରେ ମନିଲଣ୍ଡରିଂ ଅଭିଯୋଗ ଆସିଥିଲା; ଏଭଳି ମାମଲାରେ ଦଳୀୟ ସୁରକ୍ଷା ନୁହେଁ, ସ୍ୱାଧୀନ ତଦନ୍ତ ଓ ଦ୍ରୁତ ଶାସ୍ତି ଦରକାର। ଯେଉଁ ଦଳ ପ୍ରତିପକ୍ଷର ଦୁର୍ନୀତିକୁ "ରାଷ୍ଟ୍ରଦ୍ରୋହ" କହେ, ସେ ନିଜ ଘରର ଦୁର୍ନୀତିକୁ "ଭୁଲ" କହିଲେ ଜନସାଧାରଣଙ୍କ ବିଶ୍ୱାସ ନଷ୍ଟ ହୁଏ।

ଘୃଣା ଓ ବିଭାଜନ

ଘୃଣାଭାଷଣ କେବଳ କଠିନ ଶବ୍ଦ ନୁହେଁ, ଏହା ସମାଜରେ ଭୟ, ବିଭାଜନ ଏବଂ ହିଂସାର ପରିବେଶ ସୃଷ୍ଟି କରେ। ୨୦୨୪ ଓ ୨୦୨୫ ର ବିଭିନ୍ନ ରିପୋର୍ଟରେ କିଛି ବିଜେପି ନେତାଙ୍କ ବିରୋଧରେ ମୁସଲମାନ ଏବଂ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ଉତ୍ତେଜନାୟ ଭାଷଣ ଦେବାର ଅଭିଯୋଗ ଉଠିଛି। ଯଥା—ରାଜା ସିଂହ, ନିତେଶ ରାଣେ ଏବଂ ଅନ୍ୟ କେତେକ ନେତାଙ୍କ ବିରୋଧରେ ଅଦାଲତରେ ମାମଲା ବା ଅଭିଯୋଗ ଉଠିଥିଲା। ଉତ୍ତରାଖଣ୍ଡର ରାମନଗରରେ ୨୦୨୫ରେ ଗୋଟିଏ ଘଟଣାରେ ଗୋଟିଏ ବ୍ୟକ୍ତିଙ୍କୁ ଗୋମାଂସ ପରିବହନର ମିଥ୍ୟା ଅଭିଯୋଗରେ ଆକ୍ରମଣ କରାଯାଇଥିଲା; ଉଚ୍ଚ ନ୍ୟାୟାଳୟ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲା ଏବଂ ଏକ ବିଜେପି ନେତାଙ୍କ ସଂଶ୍ଳିଷ୍ଟ ସୋସିଆଲ ମିଡିଆ ପୋଷ୍ଟ ଅପସାରଣ କରିବାକୁ କହିଥିଲା। ଏଭଳି ଘଟଣା ଦେଖାଏ ଯେ ଘୃଣା କେବଳ ଭାଷଣରେ ସୀମିତ ରହୁନାହିଁ—ଏହା ପ୍ରାଣହାନି ଏବଂ ସାମାଜିକ ଅଶାନ୍ତି ପର୍ଯ୍ୟନ୍ତ ଯାଇପାରେ।

ମିଥ୍ୟା ଓ ପ୍ରତାରଣ

ରାଜନୀତିରେ ମତଭେଦ ଥିଲେ ଚଳେ, କିନ୍ତୁ ସତ୍ୟକୁ ବିକୃତ କରିବା ଗଣତନ୍ତ୍ର ପାଇଁ ବିପଜ୍ଜନକ। ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗରେ ଇଇଓ ଓ କଂଗ୍ରେସ ଇଣ୍ଡେଓ ତଥ୍ୟ ଲୁଚାଇବା ବା ହେରଫେର କରିବାର ଅଭିଯୋଗ କରିଥିଲେ; ବିଜେପୀ ଏହି ଅଭିଯୋଗକୁ ଅସ୍ୱୀକାର କରିଛି। ତେବେ ଯେତେବେଳେ ସରକାରୀ ତଥ୍ୟ ଉପରେ ସନ୍ଦେହ ସୃଷ୍ଟି ହୁଏ, ସେତେବେଳେ ପ୍ରଶ୍ନ କେବଳ ରାଜନୀତି ନୁହେଁ—ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଅଧିକାର ସହିତ ଜଡ଼ିତ। ପ୍ରତାରଣ ମଧ୍ୟ କେବଳ ଆର୍ଥିକ ପ୍ରତାରଣ ନୁହେଁ। ଯେତେବେଳେ ଏକ ସମସ୍ୟାର ମୂଳ କାରଣ ସ୍ପଷ୍ଟ ଥିଲେ ମଧ୍ୟ ତାକୁ ଅନ୍ୟ ରାଜ୍ୟ, ଅନ୍ୟ ଦଳ କିମ୍ବା ସାଧାରଣ ନାଗରିକର ଦୋଷରେ ଫେରାଇ ଦିଆଯାଏ, ସେତେବେଳେ ତାହା ଜନସାଧାରଣଙ୍କ ସହ ପ୍ରତାରଣ। ଦିଲ୍ଲୀର ଧୂଆଁ ପରେ ବିଜେପି ପଞ୍ଜାବର ପରାଗ ଦହନ ଏବଂ ବାଣ ମୁଖ୍ୟ କାରଣ କହିଥିବା ବେଳେ, ନିଜ ଶାସନର ବାସ୍ତବ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠିଥିଲା।

ଅପରାଧ, ହିଂସା ଓ ଦୁଷ୍ଟାମି

ହିଂସା ବିରୋଧରେ କଠୋର ଭାଷଣ ସହଜ, କିନ୍ତୁ ହିଂସା ଘଟିଲେ ତାହାକୁ ନିର୍ଭୟଭାବେ ରୋକିବା କଷ୍ଟ। ମନୁଷ୍ୟ ଅଧିକାର ସଂଗଠନଗୁଡ଼ିକ ରିପୋର୍ଟ କରିଛନ୍ତି ଯେ ଗୋ-ଚାଲାଣ, ଗୋମାଂସ କିମ୍ବା ସନ୍ଦେହଜନକ ଅଭିଯୋଗର ନାମରେ ଉଗ୍ରବାଦୀ ଗୋଷ୍ଠୀ ଅନ୍ୟ ଲୋକଙ୍କୁ ଆକ୍ରମଣ କରିବାର ଘଟଣା ବୃଦ୍ଧି ପାଇଛି। ଏହିପରି ଘଟଣାରେ ଦଳୀୟ ନେତାଙ୍କ ଭୂମିକା ଯାଞ୍ଚ କରିବା ଏବଂ ଦୋଷୀଙ୍କୁ ଶାସ୍ତି ଦେବା ଜରୁରୀ। ଦୁଷ୍ଟାମି କେବଳ ଶାରୀରିକ ଆକ୍ରମଣ ନୁହେଁ। ଯେତେବେଳେ ସଂଖ୍ୟାଲଘୁ, ଦଳିତ, ଆଦିବାସୀ କିମ୍ବା ଦୁର୍ବଳ ଗୋଷ୍ଠୀ ଉପରେ ଭୟ ସୃଷ୍ଟି କରାଯାଏ, ସେତେବେଳେ ତାହା ଗଣତନ୍ତ୍ରର ମୂଳ ମୂଲ୍ୟବୋଧକୁ ଆଘାତ ଦିଏ। ଏଥିପାଇଁ କେବଳ ବିରୋଧୀ ଦଳକୁ ଦୋଷ ଦେବା ନୁହେଁ—ନିଜ ଦଳର ନେତାଙ୍କୁ ମଧ୍ୟ ଜବାବ ଦାୟୀ କରିବା ଦରକାର।

ଅଯୋଗ୍ୟତା ଓ ଦାୟିତ୍ୱହୀନତା

ଅଯୋଗ୍ୟତା କେବଳ ଭୁଲ ନିଷ୍ପତ୍ତି ନୁହେଁ। ଏହା ହେଉଛି—ସମସ୍ୟା ଜାଣିବା ପରେ ମଧ୍ୟ କାର୍ଯ୍ୟ ନ କରିବା, ଦାୟିତ୍ୱ ନ ନେବା, ଏବଂ ପ୍ରତିଟି ବିଫଳତାକୁ ଅନ୍ୟ କାହାର ଦୋଷରେ ଫେରାଇବା। ଦିଲ୍ଲୀର ପ୍ରଦୂଷଣ ପରିସ୍ଥିତିରେ ଏହି ପ୍ରବଣତା ସ୍ପଷ୍ଟ ଦେଖାଯାଇଛି: ପ୍ରତିଶ୍ରୁତି ଥିଲା, କିନ୍ତୁ ବାସ୍ତବ ଫଳାଫଳ ଦୁର୍ବଳ ରହିଲା। ଏକ ସୁସ୍ଥ ଶାସନ ପାଇଁ ତିନୋଟି ଜିନିଷ ଦରକାର: ସ୍ୱଚ୍ଛତା, ଜବାବଦାୟୀ ଏବଂ ନ୍ୟାୟ। ଯେତେବେଳେ ଏହି ତିନୋଟି ଅଭାବ ହୁଏ, ସେତେବେଳେ ଜନସାଧାରଣ କ୍ଷତିଗ୍ରସ୍ତ ହୁଏ - ସେ ବିଜେପୀ ସମର୍ଥକ ହୁଅନ୍ତୁ, କି କଂଗ୍ରେସ ସମର୍ଥକ କି ଅନ୍ୟ କୌଣସି ଦଳର ସମର୍ଥକ। ପ୍ରଶ୍ନ ଏହା ନୁହେଁ - ବିଜେପି କଂଗ୍ରେସକୁ କାହିଁକି ଭଲ ପାଏ ନାହିଁ। ପ୍ରଶ୍ନ ଏହା - ବିଜେପି ପ୍ରଦୂଷଣ, ଦୁର୍ନୀତି, ଘୃଣା, ମିଥ୍ୟା, ଅପରାଧ, ହିଂସା, ଦୁଷ୍ଟାମି ଏବଂ ପ୍ରତାରଣ ବିରୁଦ୍ଧେ କାହିଁକି ସେତେ ଦୃଢ଼ ନୁହେଁ? ଯେତେବେଳେ ଏକ ଦଳ ପ୍ରତିପକ୍ଷ ପ୍ରତି ଅଧିକ ରାଗ ଦେଖାଏ ଏବଂ ନିଜ ଦାୟିତ୍ୱ ପ୍ରତି କମ୍ ରାଗ ଦେଖାଏ, ସେତେବେଳେ ସେହି ଦଳ ଜନସେବା ନୁହେଁ - କ୍ଷମତା ସୁରକ୍ଷା କରୁଛି। ଭାରତର ନାଗରିକ ଚାହାଁନ୍ତି ନାହିଁ ଯେ କେଉଁ ଦଳ କାହାକୁ ଅଧିକ ଘୃଣା କରେ। ସେମାନେ ଚାହାଁନ୍ତି - ପବନ ଶୁଦ୍ଧ ହେଉ, ଅଦାଲତ ନ୍ୟାୟଦେଉ, ପୋଲିସ ନିର୍ଭୀକ ହେଉ, ଦୁର୍ନୀତି ବନ୍ଦ ହେଉ, ଏବଂ ପ୍ରତ୍ୟେକ ନେତା ସେ କେଉଁ ଦଳର—ସମାନ ଆଇନର ଅଧୀନ ହେଉ। ଏହା ହିଁ ପ୍ରକୃତ ଜନ-ଲୋକତନ୍ତ୍ର।

ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହେଲେ ୫.୦୫ ଲକ୍ଷ ନୂଆ ହିତାଧିକାରୀ

ଭୁବନେଶ୍ୱର, ୧୪/୧୧(ଜେଏନ୍‌ଏସ୍) : ରାଜ୍ୟର ଗରିବ, ଅସହାୟ, ବୃଦ୍ଧବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଖୁସି ଖବର ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧୁବାବୁ ପେନସନ୍ ଯୋଜନାର ସମ୍ପ୍ରସାରଣ ଘ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ବିଷାକ୍ତ ବାୟୁ ବଳୟରେ ଦିଲ୍ଲୀ

୪୦୦ ଟପିଲା ଏକ୍ୟୁଆଇ, ପଶ୍ଚିମ ହିମାଳୟ ଓ କାଶ୍ମୀରରେ ପ୍ରବଳ ତୁଷାରପାତ ସହ ବର୍ଷା

ନୂଆଦିଲ୍ଲୀ / ଶ୍ରୀନଗର, ୧୪/୨୧ : ଦେଶର ଉତ୍ତର ଭାଗରେ ଏବେ ଦୁଇଟି ଭିନ୍ନ ପାଣିପାଗ ଚିତ୍ର ଦେଖିବାକୁ ମିଳିଛି। ଗୋଟିଏ ପଟେ ଜାତୀୟ ରାଜଧାନୀ ଦିଲ୍ଲୀ-ଏନସିଆରରେ ବାୟୁପ୍ରଦୂଷଣ 'ଅତି ଗୁରୁତର' ସ୍ତରରେ ପହଞ୍ଚି ଲୋକଙ୍କ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର କରିଦେଇଥିବା ବେଳେ, ଅନ୍ୟପଟେ ପଶ୍ଚିମ ହିମାଳୟ ଅଞ୍ଚଳ ଏବଂ କାଶ୍ମୀର ଉପତ୍ୟକାରେ ପ୍ରବଳ ବର୍ଷା ଓ ତୁଷାରପାତ ଜନଜୀବନକୁ ପ୍ରଭାବିତ କରିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ତଥ୍ୟ ଅନୁଯାୟୀ, ଆଜି ସକାଳେ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୩ ରେକର୍ଡ କରାଯାଇଛି, ଯାହା 'ଅତି ଗୁରୁତର' ଶ୍ରେଣୀଭୁକ୍ତ। ସ୍ୱିସ୍ ସଂସ୍ଥା 'ଆଇକ୍ୟୁଏୟାର' ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଲାହୋରକୁ ପଛରେ ପକାଇ ଦିଲ୍ଲୀ ଆଜି ବିଶ୍ୱର ସବୁଠାରୁ ପ୍ରଦୂଷିତ ପ୍ରମୁଖ ସହର ପାଲଟିଛି। ରାଜଧାନୀର ଆଇଆଇଟି ଦିଲ୍ଲୀ ଅଞ୍ଚଳରେ ସର୍ବାଧିକ ୪୮୮ ଇଣ୍ଡେକ୍ସ ରେକର୍ଡ ହୋଇଥିବା ବେଳେ ଆଇଟିଓ ରେ ୪୫୫, ଆନନ୍ଦ ବିହାରରେ ୪୧୯ ଏବଂ ରୋହିଣୀରେ ୪୧୩ ରହିଛି। ଘନ କୁହୁଡ଼ି ଓ ବିଷାକ୍ତ ଧୂଆଁର ଆସ୍ତରଣ ଯୋଗୁଁ ସକାଳ



ସମୟରେ ଦୃଶ୍ୟମାନତା ବହୁତ କମ୍ ରହିଛି। ପବନର ବେଗ କମ୍ ଥିବା ଏବଂ ନଡ଼ା ଜାଳିବା ଯୋଗୁଁ ପ୍ରଦୂଷଣ ବଢୁଥିବା ବେଳେ, ଆସନ୍ତା ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ବର୍ଷାର କୌଣସି ସମ୍ଭାବନା ନଥିବାରୁ ପ୍ରଦୂଷଣରୁ ତୁରନ୍ତ ନିସ୍ତାର ମିଳିବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆଣ୍ଟି-ସ୍ମଗ୍ ଗନ୍ ଓ ପାଣି ସିଞ୍ଚନ କରାଯିବା ସହ ନିର୍ମାଣ କାର୍ଯ୍ୟ ଓ ଯାନବାହନ ଚଳାଚଳ ଉପରେ କଟକଣା ବଳବତ୍ତର ରଖାଯାଇଛି। ବିଷାକ୍ତ ବାୟୁ ଯୋଗୁଁ ଶିଶୁ, ବୟସ୍କ ଏବଂ ଶ୍ୱାସରୋଗୀମାନଙ୍କୁ ଘରୁ ନବାହାରିବା ସହ ଏନ-୯୫ (ଘଏ୯୫) ମାସ୍କ ବ୍ୟବହାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ, ସକ୍ରିୟ ପଶ୍ଚିମା ଝଡ଼ ପ୍ରଭାବରେ ଜମ୍ମୁ-କାଶ୍ମୀର, ଲଦାଖ ଏବଂ ହିମାଚଳ ପ୍ରଦେଶର ଉଚ୍ଚ ପାର୍ବତ୍ୟାଞ୍ଚଳରେ ଋତୁର ପ୍ରଥମ ବଡ଼ ଧରଣର ତୁଷାରପାତ ହୋଇଛି। କାଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗୁଲମର୍ଗ, ସୋନମର୍ଗ, ପହଲଗାମ ଏବଂ ପୀର କି ଗଲିରେ ବରଫର ମୋଟା ଚାଦର ବିଛାଇ ହୋଇଯାଇଛି। ପୀର କି ଗଲିରେ ପ୍ରବଳ ତୁଷାରପାତ ଯୋଗୁଁ ଦକ୍ଷିଣ କାଶ୍ମୀରକୁ ମୋଗଲ ରୋଡ୍ ଜମ୍ମୁ ସହ ସଂଯୋଗ କରୁଥିବା ଐତିହାସିକ 'ମୋଗଲ ରୋଡ୍'କୁ ଲଗାତାର ଦ୍ୱିତୀୟ ଦିନ ପାଇଁ ବନ୍ଦ କରିଦିଆଯାଇଛି। ତଳ ଅଞ୍ଚଳରେ ପ୍ରବଳ ବର୍ଷା ହେଉଥିବାରୁ ତାପମାତ୍ରା ୬ରୁ ୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଛି। ଆସନ୍ତାକାଲି ଅର୍ଥାତ୍ ନଭେମ୍ବର ୧୪ ତାରିଖରୁ ପାଗରେ ସାମାନ୍ୟ ସୁଧାର ଆସିବାର ସମ୍ଭାବନା ଥିବା ଶ୍ରୀନଗର ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

- ବିଶ୍ୱର ସବୁଠୁ ପ୍ରଦୂଷିତ ସହର ପାଲଟିଲା ଦିଲ୍ଲୀ
- କାଶ୍ମୀର ଓ ପଶ୍ଚିମ ହିମାଳୟରେ ତୁଷାରପାତ
- ଆଇଆଇଟି ଦିଲ୍ଲୀରେ ସର୍ବାଧିକ ୪୮୮ ଏକ୍ୟୁଆଇ ରେକର୍ଡ
- ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଶୁଖିଲା ପାଗ

୭ ହଜାର ଟଙ୍କା ଲାଞ୍ଚ ନେଇ ଚାକିରିରୁ ବିଦା ହେଲେ ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର



ଭୁବନେଶ୍ୱର, ୧୪/୨୧(ଜେଏନ୍ଏସ୍): ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନ ଏବଂ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ ଜଣେ ଲାଞ୍ଚୁଆ ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍-ରେଜିଷ୍ଟ୍ରାର ତଥା ପ୍ରୋବେସନାରୀ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ମନୀଷା ମିଶ୍ରଙ୍କୁ ରାଜ୍ୟ ସରକାର ଚାକିରିରୁ ବରଖାସ୍ତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ପଞ୍ଚରୁଖୀ ଗ୍ରାମର ଜ୍ଞାନରଞ୍ଜନ ପାତ୍ର ନାମକ ଜଣେ ବ୍ୟକ୍ତି ନିଜର ୧୪ ଡିସିମିଲ 'ବାଜ୍ୟାପ୍ତି ସ୍ଥିତିବାନ' ଜମିର ବିକ୍ରୟ ଦଲିଲ୍ ପଞ୍ଜୀକରଣ କରାଇବା ପାଇଁ ବାଲିଆପାଳ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଯାଇଥିଲେ। ସରକାରୀ ନିୟମ ଅନୁଯାୟୀ ଏହି କିସମର ଜମି ପଞ୍ଜୀକରଣ ପାଇଁ କୌଣସି ଅତିରିକ୍ତ ଦେୟ ଦେବାର ଆବଶ୍ୟକତା ନଥିଲେ ମଧ୍ୟ, ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର ପ୍ରଥମେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଅଭିଯୋଗକାରୀଙ୍କ ଅନୁରୋଧ କ୍ରମେ ସେ ୭ ହଜାର ଟଙ୍କାରେ କାମ କରିଦେବାକୁ ରାଜି ହୋଇଥିଲେ। ଏନେଇ ଜ୍ଞାନରଞ୍ଜନ ବାଲେଶ୍ୱର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଗତ ନଭେମ୍ବର ୬ ତାରିଖରେ ମନୀଷା ନିଜ ଅଫିସ୍ ଚାମ୍ବରରେ ଅଭିଯୋଗକାରୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେହାତ ଧରିଥିଲା ଏବଂ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଥିଲା।

ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ ନଭେମ୍ବର ୭ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ଆସନ୍ତା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ସମ୍ପର୍କିତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ମନୀଷା ମିଶ୍ର ୨୦୨୪ ମସିହାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ବର୍ତ୍ତମାନ ସେ ପ୍ରୋବେସନ୍ ପିରିୟଡ୍ (ପରୀକ୍ଷାମୂଳକ ଅବଧି) ରେ ଥିଲେ। ତାଙ୍କ ବିରୋଧରେ ଆସିଥିବା ଗୁରୁତର ଦୁର୍ନୀତି ଅଭିଯୋଗ ଏବଂ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି-୧୯୫୯ ର

ପ୍ରୋବେସନ୍ ପିରିୟଡ୍ ଶେଷ ହେବା ପୂର୍ବରୁ ବରଖାସ୍ତ ହେଲେ ୨୦୨୪ ବ୍ୟାଚ୍ ଓଆରଏସ୍ ଅଧିକାରୀ

ଖୋର୍ଦ୍ଧା ଅବକାରୀ ବିଭାଗର ବଡ଼ ଧରଣର ଚଢ଼ାଉ

ଦୁଇଟି ସ୍ଥାନରୁ ୧୪୦.୫ କେଜି ଗଞ୍ଜେଇ ଜବତ, ୫ ଗିରଫ

ଖୋର୍ଦ୍ଧା, ୧୦/୨୧ (ଜେଏନ୍ଏସ୍): ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ଖୋର୍ଦ୍ଧା ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଜିଲ୍ଲାର ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରି ଅବକାରୀ ଟିମ୍ ମୋଟ ୧୪୦.୫ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଗଞ୍ଜେଇ ପରିବହନରେ ବ୍ୟବହୃତ ଏକ ବୋଲେରୋ ଗାଡ଼ି ଓ ୪ଟି ସ୍ମାର୍ଟଫୋନ୍ ମଧ୍ୟ ଜବତ ହୋଇଛି। ପ୍ରଥମ ଘଟଣାରେ, ଖୋର୍ଦ୍ଧା ଅବକାରୀ ଥାନା ପକ୍ଷରୁ ଜାନକିଆ ଥାନା ଅନ୍ତର୍ଗତ ମାଳିପଡ଼ା ଫ୍ଲାଏଓଭର ଆରମ୍ଭ ସ୍ଥାନରେ ଆଜି ସକାଳ ପ୍ରାୟ ୯ଟା ୩୦ ମିନିଟ୍‌ରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୨୦.୫ କେଜି ଗଞ୍ଜେଇ ସହ କନ୍ଧମାଳ ଜିଲ୍ଲା ବିସିପଡ଼ା ସଦର ଥାନା ଅଞ୍ଚଳର ଭଗବାନ ବେହେରା (୨୬)ଙ୍କୁ ଗିରଫ କରାଯାଇଥିଲା। ସେ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ନେଇ ଯାଉଥିବା ଜଣାପଡ଼ିଛି। ଏହି ମାମଲାର ତଦନ୍ତ ଭାର ଖୋର୍ଦ୍ଧା ଅବକାରୀ ଥାନା ଓଆଇସି ସୁଜିତ କୁମାର ନାଗ ଗ୍ରହଣ କରିଛନ୍ତି।

ସେହିପରି ଦ୍ୱିତୀୟ ଘଟଣାରେ ଜିଲ୍ଲା ମୋବାଇଲ୍ ୟୁନିଟ୍ ପକ୍ଷରୁ ଜାତୀୟ ରାଜପଥ-୧୬ର ପିତାପଲ୍ଲୀ ଛକଠାରେ ସକାଳ ୧୦ଟା ୦୫ ମିନିଟ୍‌ରେ ଚଢ଼ାଉ କରାଯାଇଥିଲା। ଏଠାରୁ ୧୨୦ କେଜି ଗଞ୍ଜେଇ ସହ ଏକ ଧଳା ରଙ୍ଗର ବୋଲେରୋ (ଓଡି-୦୨ଡିବି-୫୨୪୩) ଏବଂ ୪ଟି ସ୍ମାର୍ଟଫୋନ୍ ଜବତ କରାଯାଇଛି।

ନ୍ୟୁ ଓଡ଼ିଶା ୨୦୪୭: ବିକଶିତ ରାଜ୍ୟ ଗଠନ ପାଇଁ ଭୁବନେଶ୍ୱରରେ ମହାସମାବେଶ



- ଦେଶ ବିଦେଶରୁ ଏକାଠି ହେଲେ ୧୦୦ ଶ୍ରେଷ୍ଠ ଓଡ଼ିଆ ପ୍ରତିଭା
- ରାଜ୍ୟର ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଲା ରୋଡମ୍ୟାପ୍

ଭୁବନେଶ୍ୱର,୧୪/୨୧(ଜେଏନ୍ଏସ୍): ଓଡ଼ିଶା ଗଠନର ଶହେ ବର୍ଷ (୨୦୩୬) ଏବଂ ସ୍ୱାଧୀନତାର ଶତବାର୍ଷିକୀ (୨୦୪୭) ଅବସରରେ ଏକ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ପାଇଁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି 'ନ୍ୟୁ ଓଡ଼ିଶା ୨୦୪୭ କନ୍‌କ୍ଲେଭ୍'। ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ମେଗା ବୌଦ୍ଧିକ ମହାସମାବେଶରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, କଳା ଓ ପ୍ରଶାସନ କ୍ଷେତ୍ରରେ ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଥିବା ୧୦୦ ଜଣ ପ୍ରତିଭାଶାଳୀ ଓଡ଼ିଆ ମସ୍ତିଷ୍କ ଏକାଠି ହୋଇଥିଲେ।

ଆମ ଅତୀତ ଗୌରବମୟ, କିନ୍ତୁ ଭବିଷ୍ୟତ ଅସାଧାରଣ ହେବା ଆବଶ୍ୟକ—ଏହି ମୂଳମନ୍ତ୍ରକୁ ଆଧାର କରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ସୁପୁତ୍ରମାନଙ୍କ ସମେତ ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ମେଧାବୀ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଯୋଗ ଦେଇଥିଲେ। ଏହି ମହାସମାବେଶରେ ରାଜ୍ୟର ବିକାଶ ପାଇଁ '୧୦ଟି ବଡ଼ ବିଚାର' ଏବଂ '୧୦ଟି ଥେମାଟିକ୍ ମିଶନ୍' ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ସେଗୁଡ଼ିକ ହେଲା ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି। ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି, ଶିଳ୍ପାୟନ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହନ। ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର ଏବଂ ନୂତନ ଚିନ୍ତାଧାରାକୁ ଗ୍ରହଣ କରିବା। ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ମାନବ ସମ୍ବଳର ସଠିକ୍ ବିକାଶ ଏବଂ କୃଷି କ୍ଷେତ୍ରର ଆଧୁନିକୀକରଣ ଏବଂ ଗ୍ରାମାଞ୍ଚଳର ସମାନ୍ତରାଳ ବିକାଶ। ଏହାବ୍ୟତୀତ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ପରମ୍ପରା ଏବଂ ଚଳଚ୍ଚିତ୍ର ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା, ପରିବେଶ ଓ ଜଳବାୟୁ ସୁରକ୍ଷା, ଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ରଣନୀତି ପ୍ରସ୍ତୁତ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଗାମୀ ପିଢ଼ି ଅର୍ଥାତ୍ 'ଜେନ୍-ଜି' ନେତୃତ୍ୱକୁ କିପରି ସଶକ୍ତ କରାଯିବ, ସେନେଇ ଏହି କନ୍‌କ୍ଲେଭ୍‌ରେ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ବିଏମସି କାର୍ଯ୍ୟାଳୟ ଆଗରେ 'ଆମେ ଭୁବନେଶ୍ୱରିଆ'ର ଗଣସତ୍ୟାଗ୍ରହ

ସାମିଲ ହେଲେ ବିଜୟ ପଟ୍ଟନାୟକ



ଭୁବନେଶ୍ୱର, ୧୪/୨୧(ଜେଏନ୍ଏସ୍): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜାରି କରାଯାଇଥିବା ସିଲିଂ ଏବଂ ଉଚ୍ଛେଦ ନୋଟିସକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ 'ଆମେ ଭୁବନେଶ୍ୱରିଆ' ସଂଗଠନ ପକ୍ଷରୁ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯାଇଛି। ସଂଗଠନର ଆବାହକ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ସାମିଲ ହୋଇ ଆନ୍ଦୋଳନକାରୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିଏମସି ପକ୍ଷରୁ ଦିଆଯାଇଥିବା ସିଲିଂ ଓ ଉଚ୍ଛେଦ ନୋଟିସକୁ ବିରୋଧ କରି ରାଜଧାନୀର ବିଭିନ୍ନ ବର୍ଗର ବାସିନ୍ଦା ଏହି ସତ୍ୟାଗ୍ରହରେ ଏକାଠି ହୋଇଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ପଟ୍ଟନାୟକ ବିଏମସିର ସିଲିଂ ନୋଟିସ ଏବଂ ଜଳ ଯୋଗାଣ ବିଚ୍ଛିନ୍ନ କରିବା ଭଳି ପଦକ୍ଷେପର ଆଇନଗତ ଓ ପ୍ରଶାସନିକ ଦିଗ ଉପରେ ପ୍ରଶ୍ନ ଉଠାଇଛନ୍ତି। ସାଧାରଣ ନାଗରିକଙ୍କ

ନୋଟିସ୍ ପ୍ରତ୍ୟାହାର ସହ ଅଧିକାରୀଙ୍କ ଦୁର୍ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମୌଳିକ ଅଧିକାର ଓ ନ୍ୟାୟୋଚିତ ପ୍ରକ୍ରିୟାକୁ ଅଣଦେଖା ନକରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ, ବିଭାଗୀୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ବିଏମସି ଅଧିକାରୀମାନେ ନୋଟିସ ପ୍ରତ୍ୟାହାର କରୁନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଏଥିସହ କିଛି କର୍ମଚାରୀ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ମଧ୍ୟ ସଭାରେ କ୍ଷୋଭ ପ୍ରକାଶ ପାଇଛି। ଜାରି ହୋଇଥିବା ସମସ୍ତ ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଏହାର ପୁନଃବିଚାର କରିବାକୁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଜଣେ ପୂର୍ବତନ ଶୀର୍ଷ ପ୍ରଶାସକଙ୍କ ଉପସ୍ଥିତି ଏହି ଗଣସତ୍ୟାଗ୍ରହକୁ ଏକ ଭିନ୍ନ ମୋଡ଼ ଦେଇଛି। ସାଧାରଣ ଲୋକଙ୍କ ଅଭିଯୋଗ ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ମଧ୍ୟରେ ଏବେ ବିଏମସି ପ୍ରଶାସନ ଓ ରାଜ୍ୟ ସରକାର ଏହି ଦାବି ଉପରେ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଲକ୍ଷ୍ମୀସାଗର ହତ୍ୟା ମାମଲାର ପର୍ଦ୍ଦାଫାସ

ଗୁଜରାଟରୁ ଧରାପଡ଼ିଲା ହତ୍ୟାକାରୀ କେୟାରଟେକର

ଭୁବନେଶ୍ୱର, ୧୪/୨୧ (ଜେଏନ୍ଏସ୍): ଭୁବନେଶ୍ୱର ବୁଦ୍ଧନଗରର ବୃଦ୍ଧା କୁଞ୍ଜଲତା ନନ୍ଦ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୋଲିସ। ଗତ ନଭେମ୍ବର ୩ ତାରିଖ ରାତିରେ ସିସିଟିଭି ବନ୍ଦ କରି ବୃଦ୍ଧାଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ କେୟାରଟେକର ବଳଭଦ୍ର ମହାରଣା ଲୁଟ୍ କରି ଫେରାର ହୋଇଯାଇଥିଲା। ୫ଟି ରାଜ୍ୟରେ ଚଢ଼ାଉ ଓ ମୋବାଇଲ୍ ଟ୍ରାକିଂ ପରେ ତାକୁ ଗୁଜରାଟର ଭଦୋଦରା ନିକଟରେ ଏକ ବସ୍‌ରୁ ଗିରଫ କରାଯାଇଛି। ତା'ର ସୂଚନା ଆଧାରରେ ପୁରୀ ବ୍ରହ୍ମଗିରି ଅଞ୍ଚଳରୁ ଲୁଟ୍ ହୋଇଥିବା ସମସ୍ତ ସୁନା-ରୁପା ଅଳଙ୍କାର, ୨୦,୬୦୦ ଟଙ୍କା ଓ ସ୍କୁଟିକୁ ପୋଲିସ ଜବତ କରିଛି।

'କିସ୍ ହ୍ୟୁମାନିଟାରିଆନ୍ ଆୱାର୍ଡ'ରେ ସମ୍ମାନିତ ହେଲେ ଜଜ୍ ୟୁଜି ଇୱାସାୱା



ଭୁବନେଶ୍ୱର,୧୪/୨୧(ଜେଏନ୍ଏସ୍) : ଆନ୍ତର୍ଜାତିକ ଆଦାଳତ ବା ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍ ର ଅଧକ୍ଷ ଜଜ୍ ୟୁଜି ଇୱାସାୱା ଏବଂ ଅନ୍ୟାନ୍ୟ ବିଶିଷ୍ଟ ବିଚାରପତିମାନେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ଭୁବନେଶ୍ୱରର ପ୍ରସିଦ୍ଧ କିଟ୍ ଏବଂ କିସ୍ ଅନୁଷ୍ଠାନ ଗସ୍ତ କରିଛନ୍ତି। ଏହି ଗସ୍ତ ଅବସରରେ ଜଜ୍ ୟୁଜି ଇୱାସାୱାଙ୍କୁ ପ୍ରତିଷ୍ଠିତ 'କିସ୍ ହ୍ୟୁମାନିଟାରିଆନ୍ ଆୱାର୍ଡ' ଦ୍ୱାରା ସମ୍ମାନିତ କରାଯାଇଛି। ଏହାବତୀତ ଅନ୍ୟ ଦୁଇଜଣ ବିଶିଷ୍ଟ ବିଚାରପତିଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଆଇସିଜେର କିଛି ଅନ୍ୟ ବିଚାରପତି ଯଥା ଭାରତର ଡକ୍ଟର ଦଲବୀର ଭଣ୍ଡାରୀ, ସୋମାଲିଆର ଡକ୍ଟର ଅବଦୁଲକୱି ଅହମଦ ୟୁସୁଫ୍ ଏବଂ ବ୍ରାଜିଲର ଆଣ୍ଟୋନିଓ ଅଗଷ୍ଟୋ କାନସାଡୋ ଟ୍ରିଣ୍ଡାଡ୍ ପୂର୍ବରୁ କିଟ୍ ଏବଂ କିସ୍ ପରିଦର୍ଶନ କରିଥିଲେ। କିନ୍ତୁ ଓଉଖ୍ର କୌଣସି କାର୍ଯ୍ୟରତ ଅଧକ୍ଷ ଭାବେ ଜଜ୍ ୟୁଜି ଇୱାସାୱାଙ୍କର ଏହା ହେଉଛି ପ୍ରଥମ ଓଡ଼ିଶା ଗସ୍ତ। ଏହି ଗସ୍ତ ଦ୍ୱାରା ଅନ୍ତର୍ଜାତିକ ଆଇନ, ନ୍ୟାୟବୋଧ ଏବଂ ବିଶ୍ୱସ୍ତରୀୟ ସହଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକାଡେମିକ୍ ଆଲୋଚନା ଓ ଚିନ୍ତାଧାରାର ଆଦାନପ୍ରଦାନ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଏହା କିଟ୍ ଏବଂ କିସ୍‌ର ଆନ୍ତର୍ଜାତିକ ସ୍ତରର ପ୍ରତିଷ୍ଠାକୁ ଆହୁରି ଅଧିକ ମଜଭୁତ କରିଛି। ଏହି କାର୍ଯ୍

ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

ଅଧିକ ପରୀକ୍ଷା ଦେୟକୁ ନେଇ ଛାତ୍ର ଅସନ୍ତୋଷ

ଖୋର୍ଦ୍ଧା, ୧୪/୧୧ (ଜେଏନ୍ଏସ୍) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଗୟାରାମୁଣ୍ଡାସ୍ଥିତ ପରଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିଦ୍ୟାଳୟରେ ନୂନତମ ମୌଳିକ ସୁବିଧା ନଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷା ପାଇଁ ବୋର୍ଡ ନିର୍ଦ୍ଧାରିତ ଦେୟଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ୧୯୯୨ ମସିହାରେ ପ୍ରତିଷ୍ଠିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉଐଝର) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଚାଲିଛି । ପରିଷଦ ପକ୍ଷରୁ ୧୦୪୦ ଟଙ୍କା ଦେୟ ସ୍ଥିର କରାଯାଇଥିବା ବେଳେ, ପାଖାପାଖି ଅନ୍ୟାନ୍ୟ ବିଦ୍ୟାଳୟରେ ୧୧୦୦ ଟଙ୍କା ଆଦାୟ କରାଯାଉଛି । କିନ୍ତୁ ଏହି କଲେଜରେ ଛାତ୍ରଛାତ୍ରୀଙ୍କଠାରୁ ୧୫୦୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଏବଂ ସେଥିପାଇଁ କୌଣସି ରସିଦ (ଗକ୍ଟଭରଚ ଜରମାରସକ୍ଟୁଗ୍ଗ) ଦିଆଯାଉ ନଥିବା ପିଲାମାନେ ଅଭିଯୋଗ କରିଛନ୍ତି । ଶନିବାର ଫର୍ମ ପୂରଣ ସମୟରେ ଏହାକୁ ନେଇ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା ।

କେବଳ ଅଧିକ ଦେୟ ନୁହେଁ, ବିଦ୍ୟାଳୟରେ ପିଇବା ପାଣି, ଶୌଚାଳୟ ଏବଂ ଶ୍ରେଣୀଗୃହର ସମସ୍ୟା ମଧ୍ୟ ଚରମ ସୀମାରେ ପହଞ୍ଚିଛି । ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ପିଲାମାନେ ବାହାରେ ଥିବା ଏକ ଅପରିଷ୍କାର ନଳକୂପରୁ ଲାଲ ରଙ୍ଗର ଲୌହଯୁକ୍ତ ପାଣି ପିଇବାକୁ ବାଧ ହେଉଛନ୍ତି । ସେହିପରି ପରିସରରେ ନିର୍ମିତ ତିନୋଟି ଶୌଚାଳୟରେ ସର୍ବଦା ତାଲା ଝୁଲୁଥିବା ଅଭିଯୋଗ ହୋଇଛି । ଶ୍ରେଣୀଗୃହରେ ଆଲୋକ ଓ ପଙ୍ଖା ଅଚଳ ଅବସ୍ଥାରେ ପଡ଼ିରହିଥିବା ବେଳେ ଭଙ୍ଗା ଚେୟାର ଓ ଟେବୁଲ ମରାମତି ହେଉନାହିଁ ।

ଏନେଇ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନ କହିଛନ୍ତି ଯେ, ପରୀକ୍ଷା ଦେୟ ୧୧୪୦ ଟଙ୍କା ସମେତ ଅତିରିକ୍ତ ୩୨୦ ଟଙ୍କା ଆନୁସଙ୍ଗିକ ଖର୍ଚ୍ଚ (ଅଦର ଡେଭଲପମେଣ୍ଟ ଚାର୍ଜ) ବାବଦରେ ଆଦାୟ କରାଯାଉଛି ଏବଂ ଏହାର ରସିଦ ପିଲାଙ୍କୁ ଦିଆଯିବ । ସେହିପରି ଶୌଚାଳୟ ଓ କମନ ରୁମ ସମ୍ପର୍କରେ ଜାଗା ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟା ରହିଥିବା ବେଳେ ଷ୍ଟାଫ୍ କମନ ରୁମର ଆକ୍ରାଗାର୍ଡକୁ ପିଲାମାନେ ବ୍ୟବହାର କରୁଛନ୍ତି ଏବଂ ଅନ୍ୟ ଏକ ଆକ୍ରାଗାର୍ଡ ଲଗାଇବା ପାଇଁ ପ୍ରସ୍ତାବ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

ଏକିକୃତ ପେନ୍‌ସନ୍ ପୋର୍ଟାଲର ଶୁଭାରମ୍ଭ



ବାଲେଶ୍ୱର, ୧୪/୧୧ (ଜେଏନ୍ଏସ୍) : ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଓ ସରଳ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ବାଲେଶ୍ୱର ପୋଲିସ୍ ଲାଇନ୍ ପରେଡ୍ ପଡ଼ିଆଠାରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହା ସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ ଆଭାସୀ ଜରିଆରେ କରିଥିଲେ । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ସଭାରେ ପ୍ରାୟ ୧୫,୦୦୦ ହିତାଧିକାରୀ ଯୋଗଦେଇଥିଲେ ।

ମଧୁବାବୁ ପେନ୍‌ସନ୍ ଯୋଜନାରେ ରାଜ୍ୟରେ ୫,୦୫,୮୧୭ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ପୂର୍ବରୁ ରାଜ୍ୟରେ ୩୬,୭୫,୦୦୮ ଜଣ ହିତାଧିକାରୀ ଥିବାବେଳେ ନୂତନ ହିତାଧିକାରୀଙ୍କୁ ମିଶାଇ ମୋଟ ସଂଖ୍ୟା ୪୧,୮୦,୮୨୫ରେ ପହଞ୍ଚିଛି । ସେହିପରି ବାଲେଶ୍ୱର ଜିଲ୍ଲାରେ ୩୦,୬୫୬ ଜଣ ନୂତନ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ପୂର୍ବରୁ ଜିଲ୍ଲାରେ ୨,୦୪,୩୧୨ ଜଣ ହିତାଧିକାରୀ ଥିବାବେଳେ ଏବେ ମୋଟ ସଂଖ୍ୟା ୨,୩୪,୬୫୬ରେ ପହଞ୍ଚିଛି । ଏହି ପୋର୍ଟାଲ୍ ମାଧ୍ୟମରେ ପେନ୍‌ସନ୍ ସମ୍ବନ୍ଧୀୟ ତଥ୍ୟର ସମନ୍ୱିତ ପରିଚାଳନା, ହିତାଧିକାରୀଙ୍କ ସୁବିଧା ଏବଂ ସେବା ପ୍ରଦାନରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆସିପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ପ୍ରଦୀପ ବଳ ସାମନ୍ତ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସୂର୍ଯ୍ୟବଂଶୀ ସୁରଜ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷା ତଥା ମାନ୍ୟବର ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା, ମାନ୍ୟବର ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ , ମାନ୍ୟବର ସାରସକଣା ବିଧାୟକ ଭାଦବ ହାଁସଦାଃ, ମାନ୍ୟବର ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳି, କମିଶନର - ତଥା - ଶାସନ ସଚିବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଡ. ବ୍ରୀନ୍ଦା ଡି, ନିର୍ଦ୍ଦେଶକ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ପାରୁଲ ପଟୱାରି, ଅତିରିକ୍ତ ସଚିବ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଦୀପକ ରାଉତରାୟ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ମଞ୍ଚାସିନ ଥିଲେ । ଏଠାରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ, କର୍ମଚାରୀଙ୍କ ସମେତ ରାଜନେତା, ସାମ୍ବାଦିକ ଗଣ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ରଥ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସାମାଜିକ ସୁରକ୍ଷା ପେନସନ ଯୋଜନା ଏବଂ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ । ଏହାଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ସରକାରୀ ସୁବିଧା ସମ୍ପର୍କରେ ଅବଗତ ହୋଇ ଉପକୃତ ହୋଇପାରିବେ ।

ଉପ ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ନିମାପଡ଼ାର ପର୍ଯ୍ୟଟନ ସ୍ଥଳୀ



ନିମାପଡ଼ା, ୧୧/୧୧(ଜେଏନଏସ) : ନିମାପଡ଼ାରେ ଥିବା ଐତିହ ଏବଂ ଧାର୍ମିକ ପର୍ଯ୍ୟଟନ ସ୍ଥଳି ଗୁଡ଼ିକ ଉପରେ ଫୋକସ କରିଛନ୍ତି । ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ନିମାପଡ଼ା ଉପଖଣ୍ଡ ଅଞ୍ଚଳରେ ଥିବା ପ୍ରାଚୀନ ଓ ଐତିହାସିକ ମନ୍ଦିର ଜୁଡ଼ିକରେ ମନ୍ଦିର ବିବାହ ପାଇଁ ବ୍ୟାପକ ସମ୍ଭାବନା ରହିଛି । ନିମାପଡ଼ା ଓ ଏହାର ଆଖପାଖ ଅଞ୍ଚଳ ମଧ୍ୟରେ ଭବ୍ୟ ଓ ଦିବ୍ୟ ମନ୍ଦିର , ଧାର୍ମିକ ପୀଠ ଓ ଐତିହ ମନ୍ଦିର ରହିଛି ।ଏ ଦିଗରେ ବ୍ୟାପକ ପ୍ରସ୍ତାହନ ସୃଷ୍ଟି କରାଯିବ । ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ଐତିହ ମନ୍ଦିର ଗୁଡ଼ିକର ଉନ୍ନତି ଓ ପାରିପାଶ୍ୱିକ ବିକାଶ ପାଇଁ ୫୦ କୋଟି ଟଙ୍କାରୁ ଉର୍ଦ୍ଧ ଅନୁଦାନ ବିଭିନ୍ନ ପର୍ଯ୍ୟାୟରେ ଦେଇସାରିଥିବା ଜଣାଯାଏ। ଏହି ସବୁ ମନ୍ଦିର ବିଶ୍ୱେଶ୍ୱରୀ ଠାକୁରାଣୀ ପୀଠ , ବକ୍ରେଶ୍ୱର ମହାଦେବ ପୀଠ , ଜଟେଶ୍ୱର ମହାଦେବ ମନ୍ଦିର ସିଦ୍ଧେଶ୍ୱର ମନ୍ଦିର, ସୋମନାଥ ମନ୍ଦିର, ଅମରେଶ୍ୱରଙ୍କ ମନ୍ଦିର ଭଗବତୀ ଠାକୁରାଣୀ ପୀଠ, ବଳରାମ ଦାସ ପୀଠ, ମାଗଙ୍ଗେଶ୍ୱରୀ ପୀଠ , ଗ୍ରାମେଶ୍ୱର ମହାଦେବ, ନୀଳକଣ୍ଠେଶ୍ୱର ମହଦେବ ମନ୍ଦିର ଲକ୍ଷ୍ମୀମନ୍ଦିର ସମେତ ଅନେକ ମନ୍ଦିରର ଉନ୍ନତି ପାଇଁ ଅନୁଦାନ ଦେବାସହ ଉନ୍ନୟନ କାର୍ଯ୍ୟ ଚାଲିଛି ଏହି ସବୁ ମନ୍ଦିର ଗୁଡ଼ିକ ପାରିପାର୍ଶିକ ଉନ୍ନତି କାର୍ଯ୍ୟ ଶେଷ ହେଲେ ଯେଉଁ ଠାରେ କି ମନ୍ଦିର ବିବାହ ହବ ହୋଇପାରିବ ଏବଂ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କର ଆର୍କଷରର କେନ୍ଦ୍ର ବିନ୍ଦୁ ହେବ । ପୁରୀ କୋଣାର୍କ-ଭୁବନେଶ୍ୱର ରାଜ୍ୟ ପର୍ଯ୍ୟଟନର ସ୍ୱର୍ଣ୍ଣ ତ୍ରୁଭୁଜ ଭାବେ ପରିଚିତ । ବହୁ ସଂଖ୍ୟାରେ ଦେଶି ବିଦେଶୀ ପର୍ଯ୍ୟଟକ ମାନେ ୱେଡ଼ିଂ ଟେମ୍ପୁଲ ଗୁଡ଼ିକ ପ୍ରତି ଆର୍କଷିତ ହୋଇ ଏହି ଗୁଡ଼ିକ ପରିଦର୍ଶନରେ ଆସିବେ । ମହିଳାଗୋଷ୍ଠୀମାନଙ୍କସହ ଆମ ଅଞ୍ଚଳର ପ୍ରସ୍ତୁତହେଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ସହ ଛେନାରୁ ପ୍ରସ୍ତୁତ ଖାଦ୍ୟ ପର୍ଯ୍ୟଟକମାନଙ୍କ ପ୍ରିୟ ହେବ । ଏଥିରୁ ଗ୍ରାଞ୍ଚଳର ଅର୍ଥନୀତି ସମୃଦ୍ଧ ହେବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି । ରାଜ୍ୟ ସରକାର ମଧ୍ୟ ଐତିହ ପର୍ଯ୍ୟଟନର ବିକାଶ କୁ ଫୋକସ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ରାଜ୍ୟ ଏବଂ ପୁରୀ ଜିଲା ସମେତ ନିମାପଡ଼ା ରେ ଥିବା ଐତିହ ସ୍ଥାନକୁ ବିକଶିତ କରାଯିବ ନିମାପଡ଼ା ଅଞ୍ଚଳରେ ରାଜ୍ୟ ପତ୍ତନତତ୍ୱବିଭାଗ ଅଧିନରେ ବିଷ୍ଣୁପୁର ର ସୋମନାଥ ମନ୍ଦିର ନିକଟସ୍ଥ ବରାହୀ ମନ୍ଦିର ଓ ବୟାଳିସ ବାଟି ଗଙ୍ଗେଶ୍ୱର ମନ୍ଦିର ପତ୍ତନ୍ତ ବିଭାଗ ଅଧିନରେ ରହିଛି । ଯାହାର ସଂରକ୍ଷଣ, ସୁରକ୍ଷା ଓ ବିକାଶ ପାଇଁ କାର୍ଯ୍ୟ କରାଯିବ । ଐତିହ ସ୍ଥଳଗୁଡ଼ିକରେ ଶୌଚାଳୟ , ପାନୀୟଜଳ ,ବିଶ୍ରାମ ସ୍ଥଳ, କାଫେଟେରିଆ ,ସୂଚନାଫଳକ, ମୁଖ୍ୟ ପଥରେ ଟାକଟାଇଲର ଷ୍ଟ୍ରିପ , ଲ୍ୟାଣ୍ଡ ସ୍କେପିଂ , ପାର୍କିଂ, କ୍ଲୋକ ରୁମ, ସୂଚନାକେନ୍ଦ୍ର ସ୍ଥାପନ ଓ ନବୀ କରଣ କରାଯିବ । ନିର୍ମାଣ ବେଳେ ଯେପରି ଐତିହ ଆଇନ ଉଲଙ୍ଘନ ଓ ଐତିହ ନଷ୍ଟ ନହୁଏ ସେଥିପ୍ରତି ପଦକ୍ଷେପ ନିଆଯାଉଛି ।

ବାତ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ କଂଗ୍ରେସ ପକ୍ଷରୁ ରିଲିଫ୍ ବଣ୍ଟନ



ପାରଳାଖେମୁଣ୍ଡି, ୧୪/୧୧ (ଜେଏନ୍ଏସ୍) : ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ପଞ୍ଚାୟତଠାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ କମ୍ବଳ ଓ ଶାଢ଼ୀ ବଣ୍ଟନ କରାଯାଇଛି । ବାତ୍ୟା 'ଅର୍ଣ୍ଣବ' ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଶତାଧିକ ଅସହାୟ ଓ ଗରିବ ପରିବାରଙ୍କୁ ସହାୟତାର ହାତ ବଢ଼ାଇବା ଉଦ୍ଦେଶ୍ୟରେ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ଗଜପତି ଜିଲ୍ଲା ପ୍ରଭାରୀ ତଥା ମୁଖପାତ୍ର କୃଷ୍ଣ ଚନ୍ଦ୍ର ପତି, ଓବିସି ସେଲ୍‌ର ସାଧାରଣ ସମ୍ପାଦକ କେଶବ ପ୍ରଧାନ, ଜିଲ୍ଲା ସଭାପତି ଶଙ୍କର ପ୍ରଧାନ ଏବଂ ବରିଷ୍ଠ ଯୁବନେତା ମାଫେଲ ଛୁଆଲ ସିଂଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ ।

ଏହି ଅବସରରେ ଶ୍ରୀ ପତି କହିଥିଲେ ଯେ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିରାଙ୍ଗ ଓ ଆଖପାଖ ଅଞ୍ଚଳରେ ଏହି ରିଲିଫ୍ ବଣ୍ଟନ କରାଯାଉଛି । ପୂର୍ବରୁ ପିସିସି ସଭାପତି ଏହି ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ପରିବାରଙ୍କୁ ସହାୟତାର ପ୍ରତିଶ୍ରୁତି ଦେଇଥିଲେ, ଯାହା ଆଜି ପାଳନ କରାଯାଇଛି । ବିପଦ ସମୟରେ ରାଜନୀତି ନକରି ଦଳମତ ନିର୍ବିଶେଷରେ ଦୁଃଖୀ ମଣିଷଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତା ବୋଲି ସେ କହିଥିଲେ । ଅନ୍ୟପକ୍ଷରେ, ଏହି ସମୟରେ ନିକଟସ୍ଥ ରାମଗିରିଠାରେ ବିଜେପି ପକ୍ଷରୁ ଧର୍ମ ନାମରେ ବୈଠକ ଆୟୋଜନ କରାଯାଉଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ଉପସଭାପତି ରଜତ ମାଲି, ଯୁବନେତା ସନ୍ତୋଷ ପଣ୍ଡା, ବ୍ଲକ ସଭାପତି ସିଗାନା ବେହେରା ଦଳାଇ, ପିସିସି ସମ୍ପାଦିକା ଲକ୍ଷ୍ମୀ ଶବର, ଜିଲ୍ଲା ସମ୍ପାଦକ ସି. ସୋଲମୋଲ, ପଞ୍ଚାୟତ ସଭାପତି ଘୁଙ୍ଗୁର ରୋହିତ, ଯୁବନେତା ଅଭି ମାଶୁର, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଏବଂ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ରାଶିଫଳ

ମେଷ : ଏହି ସପ୍ତାହରେ କର୍ମକ୍ଷେତ୍ରରେ ନୂତନ ସୁଯୋଗ ମିଳିବ ଏବଂ ଆପଣଙ୍କ କାର୍ଯ୍ୟଦକ୍ଷତା ପ୍ରଶଂସିତ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଅଟକି ରହିଥିବା ଧନ ଫେରି ପାଇବାର ଯୋଗ ରହିଛି ।

ବୃଷ : ପରିବାରରେ ସୁଖଶାନ୍ତି ବଜାୟ ରହିବ ଏବଂ ଗୁରୁଜନଙ୍କ ଆଶୀର୍ବାଦରୁ ଅଟକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ବ୍ୟବସାୟରେ ନୂତନ ପୁଞ୍ଜି ନିବେଶ ପାଇଁ ସମୟ ଅନୁକୂଳ ରହିଛି ଓ ଲାଭ ମିଳିବ ।

ମିଥୁନ : ବ୍ୟବସାୟରେ ଆଶାନୁରୂପ ଲାଭ ଯୋଗ ରହିଛି ଏବଂ ନୂଆ ଲୋକଙ୍କ ସହ ସମ୍ପର୍କ ବଢ଼ିବ ଯାହା ଭବିଷ୍ୟତରେ ସହାୟକ ହେବ । ଚାକିରି କ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ ସହଯୋଗ ପାଇବେ ।

କର୍କଟ : କଠିନ ପରିଶ୍ରମର ଉଚିତ ଫଳ ପାଇବେ ଏବଂ ସାମାଜିକ କ୍ଷେତ୍ରରେ ଆପଣଙ୍କ ପ୍ରତିଷ୍ଠା ବୃଦ୍ଧି ପାଇବ । ପାରିବାରିକ ସହଯୋଗ ମିଳିବ ଏବଂ ଘରେ କୌଣସି ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହୋଇପାରେ ।

ସିଂହ : ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ ଏବଂ ନୂତନ ପରିଚୟ ସୃଷ୍ଟି ହେବ । ଆକସ୍ମିକ ଧନପ୍ରାପ୍ତିର ଯୋଗ ରହିଛି, ଯାହାଫଳରେ ଆର୍ଥିକ ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ ।

କନ୍ୟା : ଚାକିରି କ୍ଷେତ୍ରରେ ପଦୋନ୍ନତି କିମ୍ବା ଦରମା ବୃଦ୍ଧିର ସଙ୍କେତ ମିଳିବ ଏବଂ ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟବସାୟୀମାନେ ନୂତନ ଚୁକ୍ତି ସ୍ୱାକ୍ଷର କରିପାରନ୍ତି ଯାହା ଲାଭଦାୟକ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ରହିବ ଏବଂ ସନ୍ତାନମାନଙ୍କ ସଫଳତାରେ ମନ ପ୍ରଫୁଲ୍ଲ ରହିବ ।

ତୁଳା : ଆର୍ଥିକ କାରବାରରେ ସଫଳତା ମିଳିବ ଏବଂ ଆୟର ନୂତନ ପନ୍ଥା ଖୋଲିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ଏବଂ ପରିବାର ସଦସ୍ୟଙ୍କ ସହ ଭ୍ରମଣର ଯୋଗ ରହିଛି ।

ବିଛା : ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସମୟ ଅତ୍ୟନ୍ତ ଅନୁକୂଳ ରହିଛି ଏବଂ ଭାଗ୍ୟର ସାଥି ମିଳିବ । କର୍ମକ୍ଷେତ୍ରରେ ଆପଣଙ୍କ ନେତୃତ୍ୱ ନେବାର କ୍ଷମତା ବଢ଼ିବ ଓ ସଫଳତା ପାଇବେ ।

ଧନୁ : ଭାଗ୍ୟର ପୂର୍ଣ୍ଣ ସହଯୋଗ ମିଳିବ ଏବଂ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ମନ ବଳିବ । ବ୍ୟବସାୟରେ ଉନ୍ନତି ହେବ ଏବଂ ଅଟକି ରହିଥିବା ସରକାରୀ କାର୍ଯ୍ୟ ସୁରୁଖୁରୁରେ ଶେଷ ହେବ ।

ମକର : କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିପାରେ କିନ୍ତୁ ଧୈର୍ଯ୍ୟ ଓ ନିଷ୍ଠାର ସହ ସବୁ କାମରେ ସଫଳତା ହାସଲ କରିବେ । ଆର୍ଥିକ ସ୍ଥିତି ସ୍ୱାଭାବିକ ରହିବ, ତେବେ ବଡ଼ ନିବେଶ ପୂର୍ବରୁ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ ।

କୁମ୍ଭ : ବନ୍ଧୁମାନଙ୍କ ସହଯୋଗରେ କୌଣସି ବଡ଼ ସମସ୍ୟାର ସମାଧାନ ହେବ ଏବଂ ଆୟ ବୃଦ୍ଧି ପାଇବ । ଜମିବାଡ଼ି କିମ୍ବା ନୂତନ ସମ୍ପତ

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଏ ସପ୍ତାହରେ
ପ୍ରମୁଖ ଖବର

✦ **ରାୟଗଡ଼ାରୁ କଲରାପତରିଆ ବାଘ ଛାଲ ଜବତ ।** ଗୁଡ଼ାରି ରେଞ୍ଜର ଏକ ମନ୍ଦିର ନିକଟରୁ ବାଘ ଛାଲ ଜବତ ହେବା ସହ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି ।

✦ **ପୁରୀ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଗିରଫ ।** ପୁରୀର ଚର୍ଚ୍ଚିତ କୁଞ୍ଜଲତା ହତ୍ୟା ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସବିତା ସେଠୀଙ୍କୁ ଗିରଫ କରିଛି ।

✦ **ଓଡ଼ିଶାରେ ଦେଶର ସର୍ବବୃହତ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ।** ୮,୫୭୧ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ତୈଳ ଭଣ୍ଡାର ନିର୍ମାଣ ପାଇଁ କେନ୍ଦ୍ର ସରକାର ଘରୋଇ ନିବେଶକଙ୍କୁ ଆହ୍ୱାନ କରିଛନ୍ତି ।

✦ **ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ।** ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ୧୩୭ତମ ଜନ୍ମବାର୍ଷିକୀ ଅବସରରେ ନୂଆଦିଲ୍ଲୀର ଶାନ୍ତିବନଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ କଂଗ୍ରେସ ନେତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

✦ **ଜାକିର ନାଏକଙ୍କ ସଂସ୍ଥା IRF ଉପରେ ପ୍ରତିବନ୍ଧକ ବୃଦ୍ଧି ।** କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାକିର ନାଏକଙ୍କ ଇସଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଉପରେ ଥିବା ବ୍ୟାନକୁ ଆଉ ୫ ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି ।

✦ **ଆସାମର କାଜିରଙ୍ଗାରେ ଭୟଙ୍କର ସଡ଼କ ଦୁର୍ଘଟଣା ।** ଗୋଲାଘାଟ ଜିଲ୍ଲାରେ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨୬ ଜଣଙ୍କର ମୃତ୍ୟୁ ଘଟିଛି ।

✦ **ହାଇଦ୍ରାବାଦରେ ଗିଗ୍ ୱାର୍କର୍ସଙ୍କ ସହ ରାହୁଲ ଗାନ୍ଧୀଙ୍କ ବାଇକ୍ ରାଲି ।** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଡେଲିଭରି ବୟ ଓ ଗିଗ୍ କର୍ମଚାରୀଙ୍କ ସମସ୍ୟା ବୁଝିବାକୁ ସେମାନଙ୍କ ସହ ବାଇକ୍ ରାଲିରେ ସାମିଲ ହୋଇଛନ୍ତି ।

✦ **ଅମିତ ଶାହଙ୍କୁ ଭେଟିବେ ସୁଖବୀର ସିଂହ ବାଦଲ ।** ପଞ୍ଜାବ ରାଜନୀତିକୁ ନେଇ ଶିରୋମଣି ଅକାଳୀ ଦଳ ସଭାପତି ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

✦ **ଦୁବାଇ ବିମାନବନ୍ଦରରେ ସ୍ପାଇସ୍‌ଜେଟ୍‌କୁ ଝଟକା ।** ୩୫.୮ କୋଟି ଟଙ୍କାର ବକେୟା ଦେୟ କାରଣରୁ ଦୁବାଇ ଏୟାରପୋର୍ଟରେ ସ୍ପାଇସ୍‌ଜେଟ୍‌ର ଚେକ୍-ଇନ୍ ସେବା ବନ୍ଦ କରାଯାଇଛି ।

✦ **ଆମେରିକାରେ ୧୫ ଘଣ୍ଟା ଧରି ବିମାନ ସେବା ଠପ୍ ।** ଏୟାର ଟ୍ରାଫିକ୍ କଣ୍ଟ୍ରୋଲରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରାୟ ୧୩,୦୦୦ ବିମାନ ଅଟକି ରହିବା ପରେ ପୁଣିଥରେ ଆକାଶପଥ ଖୋଲାଯାଇଛି ।

✦ **ବିଶ୍ୱବ୍ୟାପୀ ମାଇକ୍ରୋସଫ୍ଟ ସେବା ବ୍ୟାହତ ।** ସର୍ଭର ସମସ୍ୟା ଯୋଗୁଁ ଆଉଟ୍‌ଲୁକ୍, ଟିମ୍ସ ଏବଂ କୋ-ପାଇଲଟ୍ ସେବା ପ୍ରଭାବିତ ହେବାରୁ ବିମାନ ଚଳାଚଳ ଓ ଅଫିସ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।

✦ **ଏନଭିଡିଆ ସିଇଓ ଜେନସେନ୍ ହୁଆଙ୍ଗଙ୍କ ଇସ୍ତଫା ।** ବ୍ୟକ୍ତିଗତ ବିବାଦ ପରେ ହୁଆଙ୍ଗ ପଦ ଛାଡ଼ିବା ପରେ କମ୍ପାନୀ ନୂଆ ସିଇଓ ଖୋଜିବା ଆରମ୍ଭ କରିଛି ।

ସାଫ୍ ଫୁଟବଲ୍ ସେମିଫାଇନାଲ୍
ଭୁଟାନକୁ ଭେଟିବ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ



ବାଂଲାଦେଶ, ୧୪/୧୧ : ଚଳିତ ସାଫ୍ ଚାମ୍ପିଅନସିପ୍‌ରେ ଭାରତୀୟ ଫୁଟବଲ୍ ଦଳ ସେମିଫାଇନାଲରେ ପ୍ରବେଶ କରିଛି । ଢାକାର ଜାତୀୟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଗ୍ରୁପ୍ 'ବି' ର ତାଲିକାରେ ଶୀର୍ଷରେ ରହି ସେମିଫାଇନାଲ୍ ସ୍ଥାନ ପକ୍କା କରିଛି । ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଭାରତ ୧-୦ ଗୋଲ୍‌ରେ ମାଳଦ୍ୱୀପକୁ ପରାସ୍ତ କରିଥିଲା, ଯେଉଁଥିରେ ସୁହେଲ୍ ଅହମଦ ଭଟ୍ ୩୮ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ । ଗୋଲ୍‌ରକ୍ଷକ ପ୍ରିୟାଂଶୁ ଦୁବେଙ୍କ ଦମଦାର୍ ସେଭ୍ ଦଳକୁ ଏହି ମ୍ୟାଚ୍‌ରେ ବଞ୍ଚାଇ ରଖିଥିଲା । ବର୍ତ୍ତମାନ ଭାରତୀୟ ଦଳ ସେମିଫାଇନାଲ୍ ମୁକାବିଲାରେ ଭୁଟାନକୁ ଭେଟିବାକୁ ପ୍ରସ୍ତୁତ ରହିଛି । ଭୁଟାନ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲକୁ ଉନ୍ନୀତ ହୋଇଛି । ନୌସାଦ ମୂସାଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଏହି ଯୁବ ଭାରତୀୟ ଦଳ ନିଜର ଦଶମ ସାଫ୍ ଟାଇଟେଲ୍ ଜିତିବା ଲକ୍ଷ୍ୟରେ ମଇଦାନକୁ ଓହ୍ଲାଇବ । ମାଞ୍ଚେଷ୍ଟର ୟୁନାଇଟେଡ୍ କ୍ଲବ୍ ର ବଡ଼ ପଦକ୍ଷେପ : ମାଇକେଲ୍ କାରିକ୍ ବରଖାସ୍ତ, ନୂତନ ମ୍ୟାନେଜର ଭାବେ ମାଉରିସିଓ ପୋଚେଟିନୋ ନିଯୁକ୍ତ । ପ୍ରିମିୟର ପଏଣ୍ଟ ଟେବୁଲରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ୪୦ ବର୍ଷ ମଧ୍ୟରେ ସବୁଠୁ ଖରାପ ଆରମ୍ଭ ପରେ ପରିଚାଳନା କମିଟି ଏହି କଠିନ ନିଷ୍ପତ୍ତି ନେଇଛି । ଇଂରାଜୀ କ୍ଲବ୍ ଫୁଟବଲ୍ ଜଗତରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପ୍ରିମିୟର ଲିଗ୍‌ରେ ଦଳର ସବୁଠୁ ଖରାପ ପ୍ରଦର୍ଶନ ଏବଂ ୧୮ତମ ସ୍ଥାନକୁ ଖସିଯିବା ପରେ ମାଞ୍ଚେଷ୍ଟର ୟୁନାଇଟେଡ୍ କର୍ତ୍ତୃପକ୍ଷ ମୁଖ୍ୟ ପ୍ରଶିକ୍ଷକ ମାଇକେଲ୍ କାରିକ୍ ଙ୍କୁ ପଦରୁ ବରଖାସ୍ତ କରିଛନ୍ତି । ଗତ କିଛି ମାସ ଧରି ଦଳର ଖରାପ ଫର୍ମ ପ୍ରଶଂସକଙ୍କୁ ନିରାଶ କରିଥିଲା ।

ଅଣ୍ଡର-୧୯ ଏସିଆ କପ୍ ଫାଇନାଲ୍ ୨୦୨୬
ଭାରତକୁ ୩୩୮ ରନ୍‌ର ବିଶାଳ ଟାର୍ଗେଟ



ଅଲ୍ ଆମେରାତ୍, ୧୪/୧୧ (ଜେଏନ୍‌ଏସ୍) : ଚଳିତ ଅଣ୍ଡର-୧୯ ପୁରୁଷ ଏସିଆ କପ୍‌ର ହାଇଭୋଲଟେଜ୍ ଫାଇନାଲ୍ ମୁକାବିଲାରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୭ ରନ୍ ସଂଗ୍ରହ କରିଛି । ଫଳରେ ଐତିହାସିକ ନବମ ଥର ପାଇଁ ଟାଇଟଲ୍ ଜିତିବାକୁ ହେଲେ ଭାରତୀୟ ଯୁବ ଦଳକୁ ୩୩୮ ରନ୍‌ର ଏକ ବଡ଼ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ ।

ଓମାନର ଅଲ୍ ଆମେରାତ୍ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓପନର୍ ଉସମାନ ଖାନ୍‌ଙ୍କ ଦମଦାର ଶତକ ୧୨୧ ବଲରୁ ୧୦୭ ରନ୍ ଏବଂ ଅବଦୁଲ କାଦିରଙ୍କ ୮୦ ରନ୍ ଓ ଅଧିନାୟକ ଫରହାନ ୟୁସୁଫଙ୍କ ୬୩ ରନ୍ ଅର୍ଦ୍ଧଶତକୀୟ ଇନିଂସ ବଳରେ ପାକିସ୍ତାନ ଏକ ସମୟରେ ୩୫୦ ରନ୍ ପାର୍ କରିବା ଭଳି ସ୍ଥିତିରେ ଥିଲା । ତେବେ ଶେଷ ୬ ଓଭରରେ ଭାରତୀୟ ବୋଲରମାନେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬ଟି ୱିକେଟ୍ ଝଡ଼ାଇ ପାକିସ୍ତାନର ରନ୍ ଗତିରେ ଅଙ୍କୁଶ ଲଗାଇଥିଲେ । ଭାରତ ପକ୍ଷରୁ କାବ୍ୟା ପଟେଲ ସର୍ବାଧିକ ୪ଟି (୪/୬୮) ଏବଂ ଚିଗୁରୁପତି ଭେଙ୍କଟା ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରିଥିଲେ । ଏବେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ଆର୍ଯ୍ୟବୀର ସେହୱାଗ ଓ ଅଧିନାୟକ ଲକ୍ଷ୍ୟ ରାଇଚନ୍ଦାନୀଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି ।

ସଂକ୍ଷିପ୍ତ ସ୍କୋର (ପ୍ରଥମ ଇନିଂସ ଶେଷ ସୂଚ୍ଚା): ପାକିସ୍ତାନ ଅଣ୍ଡର-୧୯ : ୩୩୭/୯ (୫୦ ଓଭର) ଉସମାନ ଖାନ୍ - ୧୦୭, ଅବଦୁଲ କାଦିର - ୮୦, ଫରହାନ ୟୁସୁଫ - ୬୩ ବୋଲିଂ (ଭାରତ) : କାବ୍ୟା ପଟେଲ - ୪/୬୮, ଚିଗୁରୁପତି ଭେଙ୍କଟା - ୩ ୱିକେଟ୍ ।

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଲା ଏସିଆ ରଗ୍‌ବୀ ଅଣ୍ଡର-୨୦

- ୮ ବର୍ଷ ପରେ ଓଡ଼ିଶାକୁ ଫେରିଲା ଅନ୍ତର୍ଜାତୀୟ ରଗ୍‌ବୀ ମହାକୁମ୍ଭ
- ୧୦ଟି ଦେଶର ୧୭ଟି ଦଳ ମଧ୍ୟରେ ଚାଲିଛି କଡ଼ା ଟକ୍କର

ଭୁବନେଶ୍ୱରର ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ 'ଏସିଆ ରଗ୍‌ବୀ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍ ୨୦୨୬' ଆରମ୍ଭ ହୋଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଦୁଇଦିନିଆ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ଭାରତ ସମେତ ୧୦ଟି ଦେଶର ୧୭ଟି ଦଳ (ପୁରୁଷ ୧୦, ମହିଳା ୭) ଅଂଶଗ୍ରହଣ କରିଛନ୍ତି । ଭାରତୀୟ ଦଳ ପାଇଁ ଗର୍ବର ବିଷୟ ଯେ, ଜାତୀୟ ଦଳରେ ଓଡ଼ିଶାର ୫ ଜଣ ପୁରୁଷ ଓ ୩ ଜଣ ମହିଳା ସମେତ ମୋଟ ୮ ଜଣ ପ୍ରତିଭାବାନ ଖେଳାଳି ସ୍ଥାନ ପାଇଛନ୍ତି । ଓଡ଼ିଶାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁଁ ରାଜ୍ୟ ଅନ୍ତର୍ଜାତୀୟ କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ପାଲଟିଛି ବୋଲି ମନ୍ତ୍ରୀ ମତ ଦେଇଛନ୍ତି । ଦର୍ଶକଙ୍କ ପାଇଁ ଷ୍ଟାଡିୟମରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରହିଛି । ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ।

ଭାରତ ୨୪୪ ରନ୍‌ରେ ବିଶାଳ ପରାଜୟ



ମାଉଣ୍ଟ ମାଉଙ୍ଗାନୁଇ, ୧୪/୧୧ : ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆରେ ଟିମ୍ ଇଣ୍ଡିଆ ଏକ ବଡ଼ ଏବଂ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଛି । ଏହି ମ୍ୟାଚ୍‌ରେ ଘରୋଇ ଦଳ ନ୍ୟୁଜିଲାଣ୍ଡ ଭାରତକୁ ୨୪୪ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି । ଭାରତୀୟ ଦିନିକିଆ କ୍ରିକେଟ୍ ଇତିହାସରେ ଏହା ଦ୍ୱିତୀୟ ସର୍ବବୃହତ୍ ପରାଜୟଅଟେ । ନ୍ୟୁଜିଲାଣ୍ଡର ୩୩୩ ରନ୍‌ର ଜବାବରେ ଭାରତୀୟ ଦଳ ମାତ୍ର ୮୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନର ୱିଲ୍ ୟଙ୍ଗ୍‌ଙ୍କ ଶତକ (୧୨୫ ରନ୍) ଏବଂ ଟିମ୍ ସେଫର୍ଟ (୫୮) ଓ ଫିନ୍ ଆଲେନ୍‌ଙ୍କ (୪୧) ଉପଯୋଗୀ ଇନିଂସ ବଳରେ ୩୩୩ ରନ୍‌ର ମଜଭୁତ ସ୍କୋର ଛିଡ଼ା କରିଥିଲା ।

୩୩୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ଥିଲା । ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ମ୍ୟାଟ୍ ହେନ୍‌ରୀ ପ୍ରଥମ ଓଭରରେ ହିଁ ଭାରତୀୟ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ । ସେ ପ୍ରଥମ ଓଭରର ପ୍ରଥମ ବଲ୍‌ରେ ରୋହିତ ଶର୍ମା, ପଞ୍ଚମ ବଲ୍‌ରେ ବିରାଟ କୋହଲି ଏବଂ ଷଷ୍ଠ ବଲ୍‌ରେ ଅଧିନାୟକ ଶ୍ରେୟସ ଆୟରଙ୍କୁ ଆଉଟ୍ କରି ଭାରତକୁ ବଡ଼ ଝଟକା ଦେଇଥିଲେ । ଦଳୀୟ ସ୍କୋର ମାତ୍ର ୯ ରନ୍‌ଥିବାବେଳେ ୪ଟି ୱିକେଟ୍ ପଡ଼ିଯାଇଥିଲା । ଇଶାନ କିଶନ (୨୭) ଏବଂ ଅକ୍ଷର ପଟେଲ (୨୧) କିଛି ସମୟ ଲଢ଼େଇ କରିଥିଲେ ମଧ୍ୟ ଦଳକୁରକ୍ଷା କରିପାରିନଥିଲେ । ମ୍ୟାଟ୍ ହେନ୍‌ରୀ ୫ଟି ୱିକେଟ୍ ନେଇ ଭାରତୀୟ ବ୍ୟାଟିଂକୁ ଧ୍ୱସ୍ତ କରିଦେଇଥିଲେ । ଶେଷରେ ଭାରତୀୟ ଦଳ ମାତ୍ର ୨୬.୪ ଓଭରରେ ୮୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ପରାଜୟ ସିରିଜ୍‌ରେ ଭାରତୀୟ ଦଳର ଚିନ୍ତା ବଢ଼ାଇ ଦେଇଛି ।

ବିଶ୍ୱ ସୁଟିଂ ଚାମ୍ପିୟନସିପ୍‌ରେ ବିବାନ୍ କପୁରଙ୍କ ଐତିହାସିକ ରୌପ୍ୟ
ଭାରତକୁ ମିଳିଲା ତୃତୀୟ ଅଲିମ୍ପିକ୍ କୋଟା



ଦୋହା, ୧୪/୧୧ : କତାରର ଦୋହାଠାରେ ଚାଲିଥିବା ୨୦୨୬ ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ସୁଟିଂ ଚାମ୍ପିୟନସିପ୍‌ରେ ଭାରତୀୟ ସୁଟର ବିବାନ୍ କପୁର ଐତିହାସିକ ସଫଳତା ହାସଲ କରିଛନ୍ତି । ପୁରୁଷ ଟ୍ରାପ୍ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ୨୪ ବର୍ଷୀୟ ବିବାନ୍ ଦେଶ ପାଇଁ ରୌପ୍ୟ ପଦକ ଜିତିବା ସହ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଭାରତର ତୃତୀୟ ସୁଟିଂ କୋଟା ପକ୍କା କରିଛନ୍ତି । ଫାଇନାଲ୍ ମୁକାବିଲାରେ ବିବାନ୍ ଆରମ୍ଭରୁ ବେଶ୍ ଆକ୍ରମଣାତ୍ମକ ଓ ସଠିକ୍ ଲକ୍ଷ୍ୟଭେଦ କରିଥିଲେ । ନିର୍ଦ୍ଧାରିତ ୩୦ଟି ସଟ୍‌ରୁ ସେ ୨୯ଟି ସଠିକ୍ ଲକ୍ଷ୍ୟଭେଦ କରି କୁଏତର ଅବଦୁଲରହମାନ ଅଲ-ଫୈହାନଙ୍କ ସହ ସମକକ୍ଷ ହୋଇଥିଲେ । ଫଳରେ ସ୍ୱର୍ଣ୍ଣ ପଦକର ନିଷ୍ପତ୍ତି ପାଇଁ ସୁଟ୍-ଅଫ୍‌ର ସହାୟତା ନିଆଯାଇଥିଲା । ତେବେ ସୁଟ୍-ଅଫ୍‌ରେ କୁଏତ୍ ସୁଟର୍ ୩ଟି ଟାର୍ଗେଟ୍ ଭେଦ କରିଥିବା ବେଳେ ବିବାନ୍ ୨ଟି ସଫଳ ହୋଇଥିଲେ । ମାତ୍ର ଗୋଟିଏ ପଏଣ୍ଟ ବ୍ୟବଧାନରେ ସେ ବିଶ୍ୱ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଏହି ଇଭେଣ୍ଟରେ ଚୀନର କି ୟିଙ୍ଗ୍ କାଂସ୍ୟ ପଦକ ଜିତିଥିବା ବେଳେ ଅନ୍ୟତମ ଭାରତୀୟ ସୁଟର୍ ଉଦୟବୀର ସିଂହ ଜେଁଜୀ ଷଷ୍ଠ ସ୍ଥାନରେ ରହିଥିଲେ । ରାଜସ୍ଥାନର ଜୟପୁର ବାସିନ୍ଦା ବିବାନ୍ କପୁର ବିଶ୍ୱ ଚାମ୍ପିୟନସିପ୍‌ର ପୁରୁଷ ଟ୍ରାପ୍ ଇଭେଣ୍ଟରେ ପଦକ ଜିତିବାରେ ମାତ୍ର ଚତୁର୍ଥ ଭାରତୀୟ ଖେଳାଳି ପାଲଟିଛନ୍ତି । ଏହା ପୂର୍ବରୁ କିମ୍ବଦନ୍ତୀ ସୁଟର କର୍ଣ୍ଣି ସିଂହ (ରୌପ୍ୟ), ମାନବଜିତ ସିଂହ ସାନ୍ଧୁ (ସ୍ୱର୍ଣ୍ଣ) ଏବଂ ଜୋରାୱର ସିଂହ ସାନ୍ଧୁ (କାଂସ୍ୟ) ଏହି ବିଭାଗରେ ଭାରତ ପାଇଁ ପଦକ ଜିତିଥିଲେ । ଏହାସହ ଚଳିତ ଚାମ୍ପିୟନସିପ୍‌ରେ ସଟ୍‌ଗନ୍ ବିଭାଗରୁ ଭାରତକୁ ପ୍ରଥମ ଅଲିମ୍ପିକ୍ କୋଟା ମିଳିଛି । ଚଳିତ ବିଶ୍ୱ ଚାମ୍ପିୟନସିପ୍‌ରେ ବିବାନ୍‌ଙ୍କ ପୂର୍ବରୁ ଅନ୍ୟ ଦୁଇଜଣ ଭାରତୀୟ ସୁଟର୍ ମଧ୍ୟ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଦେଶକୁ କୋଟା ଭେଟି ଦେଇସାରିଛନ୍ତି । ପୁରୁଷ ୧୦ ମିଟର ଏୟାର ପିସ୍ତଲରେ ଜୟପାଲ ମାଲଭିୟ ରୌପ୍ୟ ପଦକ ଜିତି ପ୍ରଥମ କୋଟା ଏବଂ ପୁରୁଷ ୫୦ ମିଟର ରାଇଫଲ୍ ଥ୍ରୀ-ପୋଜିସନ୍‌ରେ ନୀରଜ କୁମାର କାଂସ୍ୟ ପଦକ ସହ ଦ୍ୱିତୀୟ କୋଟା ହାସଲ କରିଥିଲେ ।

ବକ୍ସ ଅଫିସରେ 'ରାମାୟଣ ପାର୍ଟ ୧'ର ଐତିହାସିକ ଧମାଲ୍



ମୁମ୍ବାଇ/ଭୁବନେଶ୍ୱର, ୧୪/୧୧ : ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ମହାକାବ୍ୟିକ ଚଳଚ୍ଚିତ୍ର 'ରାମାୟଣ: ପାର୍ଟ ୧' ଭାରତୀୟ ସିନେମା ଇତିହାସରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ରଣବୀର କପୁର, ୟଶ ଏବଂ ସାଇ ପଲ୍ଲବୀଙ୍କ ଅଭିନୀତ ଏହି ଫିଲ୍ମଟି ରିଲିଜ୍ ହେବାର ମାତ୍ର ୮ ଦିନ ମଧ୍ୟରେ ବିଶ୍ୱବ୍ୟାପୀ ବକ୍ସ ଅଫିସରେ ୧,୦୩୩ କୋଟି ଟଙ୍କାରୁ ଅଧିକ ଆୟ କରି ସମସ୍ତଙ୍କୁ ଚକିତ କରିଦେଇଛି । ଏହା ସହିତ ଏହି ଚଳଚ୍ଚିତ୍ରଟି ୧,୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିବାରେ ତୃତୀୟ ଦ୍ରୁତତମ ଭାରତୀୟ ଫିଲ୍ମ ହେବାର ଗୌରବ ଅର୍ଜନ କରିଛି । ଦୀପାବଳି ଅବସରରେ ନଭେମ୍ବର ୫ ତାରିଖରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ପ୍ରଥମ ଦିନରୁ ହିଁ ପ୍ରେକ୍ଷାଳୟରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମାଇଛି । ବକ୍ସ ଅଫିସ୍ ରିପୋର୍ଟ ଅନୁଯାୟୀ, ଅଷ୍ଟମ ଦିନ ଶେଷ ସୁଦ୍ଧା ଭାରତରେ ଫିଲ୍ମର ମୋଟ ନେଟ୍ ଆୟ ୫୬୪.୬୦ କୋଟି ଟଙ୍କା ଏବଂ ଗ୍ରସ୍ ଆୟ ୬୭୫.୦୫ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପଟେ ବିଦେଶୀ ବଜାରରୁ ଫିଲ୍ମଟି ପ୍ରାୟ ୩୫୮ କୋଟି ଟଙ୍କା ଆୟ କରିଛି । ଏହି ସଫଳତା ସହ 'ରାମାୟଣ' 'ବାହୁବଳୀ-୨'ର ରେକର୍ଡକୁ ପଛରେ ପକାଇ ଦେଇଥିବା ବେଳେ ୨୦୨୬ ମସିହାର ଦ୍ୱିତୀୟ ସର୍ବାଧିକ ଆୟକାରୀ ଚଳଚ୍ଚିତ୍ର ପାଲଟିଛି । ଏଥିସହ ରଣବୀର କପୁରଙ୍କ ପୂର୍ବ ବ୍ଲକବଷ୍ଟର ଫିଲ୍ମ 'ଆନିମଲ୍'ର ଲାଇଫ୍‌ଟାଇମ୍ ଆୟ (୯୧୦ କୋଟି) କୁ ମଧ୍ୟ ଏହା ଅତିକ୍ରମ କରିଛି । ଫିଲ୍ମରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ ଏବଂ ରାବଣ ଭୂମିକାରେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ୟଶଙ୍କ ଦମଦାର ଅଭିନୟ ଦର୍ଶକଙ୍କ ମନ ଜିଣିଛି ।

ADVERTISEMENT TARIFF

FULL PAGE FRONT	Rs. 1,00,000.00
FULL PAGE BACK	Rs. 80,000.00
FULL PAGE COVER	Rs. 80,000.00
FULL PAGE INNER	Rs. 80,000.00
HALF PAGE FR/BK	Rs. 80,000.00
QUARTER PAGE	Rs. 25,000.00
EAR PANEL FRONT	Rs. 5,000.00
EAR PANEL BACK	Rs. 5,000.00

"ସମ୍ପର୍କ ମାନେ କେବଳ କ୍ଷମତା ଓ ଟଙ୍କା !"

ଆଜିର ସମାଜରେ ସମ୍ପର୍କର ବାସ୍ତବତା, ସ୍ୱାର୍ଥପରତା ଓ ମଣିଷର ମୂଲ୍ୟବୋଧ ପୁରା ପରିବର୍ତ୍ତନ ହେଇଯାଇଛି ।

ଆଜିର ସମାଜରେ ସମ୍ପର୍କର ସଂଜ୍ଞା ବଦଳିବାରେ ଲାଗିଛି । ଦିନେ ଯେଉଁଠି ମଣିଷର ପରିଚୟ ତା'ର ଚରିତ୍ର, ବ୍ୟବହାର, ଭଲପାଇବା, ତ୍ୟାଗ ଓ ମାନବିକତା ଦ୍ୱାରା ହେଉଥିଲା, ଆଜ